# କୋଣାର୍କରେ ସାମ୍ବାଦିକଙ୍କୁ ମରଣାନ୍ତକ ଆକ୍ରମଣ

**କୋଣାର୍କ, ୨୩।୪(ସମିସ):** ମଙ୍ଗଳବାର ଅପରାହ୍ନରେ କୋଣାର୍କ ମେଡିକାଲ ଛକ ନିକଟ ଜଗନ୍ନାଥ ମନ୍ଦିର ସମ୍ମୁଖରେ ସାମ୍ବାଦିକ ଅବନୀଭୂଷଣ ବାରିକଙ୍କୁ ୪ଜଣ ଅସାମାଜିକ ଯୁବକ ସଂଘବଦ୍ଧ ଭାବେ ମରଣାନ୍ତକ ଆକ୍ରମଣ କରି ଫେରାରହୋଇଯାଇଛନ୍ତି। କୋଣାର୍କରେ କାର୍ଯ୍ୟରତ ସମ୍ବାଦିକ ଶ୍ରୀ ବାରିକ ଜଗନ୍ନାଥ ମନ୍ଦିର ନିକଟ ଏକ ଚା ଦୋକାନରେ ବସିଥିବା ସମୟରେ ଏହି ଥାନା ଅନ୍ତର୍ଗତ ରାଉଳପାଟଣା ଗ୍ରାମର ରଞ୍ଜୁ ଲେଙ୍କା, ତାଙ୍କ ପୁଅ ସୌମ୍ୟ ସ୍ଥିତପ୍ରଜ୍ଞ ଲେଙ୍କାଙ୍କ ସମେତ ଅନ୍ୟ ଦୁଇଜଣ ଅପରିଚିତ ଯୁବକ ହାତରେ ଲୁହା ରଡ୍ ଓ ଖଣ୍ଡା ଧରି ସେଠାରେ ପହଞ୍ଚି ଅଶ୍ୱନୀଙ୍କୁ ଅତର୍କିତ ଆକ୍ରମଣ କରିଥିଲେ। ଏଥିସହ ଅଶ୍ୱନୀଙ୍କ ମୋବାଇଲ୍ ଛଡାଇ ନେଇ ରାସ୍ତା ଉପରେ ପିଟି ଭାଙ୍ଗିଦେବା ସହିତ ପକେଟରୁ ୧୦ହଜାର ଟଙ୍କା ଛଡ଼ାଇ ନେଇଥିବା କୋଣାର୍କ ଥାନାରେ ଅଭିଯୋଗ ହୋଇଛି। ଆକ୍ରମଣରେ ଅଶ୍ୱନୀଙ୍କ ଦକ୍ଷିଣ ଆଖି, ନାକ ଓ କାନରେ କ୍ଷତ ସୃଷ୍ଟି ହୋଇଛି। ସ୍ଥାନୀୟ ଲୋକଙ୍କ ହସ୍ତକ୍ଷେପ ପରେ ଅଭିଯୁକ୍ତମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଗୁରୁତର ଭାବେ ଆହତ ସାମ୍ବାଦିକ ଶ୍ରୀ ବାରିକଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି କୋଣାର୍କ ମେଡିକାଲକୁ ପଠାଇଥିଲେ। ଗୁରୁତର ଆହତ ଅଶ୍ୱନୀଙ୍କୁ ପ୍ରଥମେ କୋଣାର୍କ ମେଡ଼ିକାଲରେ ଚିକିତ୍ସା ପରେ ପୁରୀ ସଦର ହସ୍ପିଟାଲକୁ ରେଫର୍ କରାଯାଇଥିବା ଜଣାପଡ଼ିଛି। କୋଣାର୍କ ପୁଲିସ ମାମଲା ରୁଜୁକରି ଅପରାଧୀମାନଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ଉ କରିଥିଲେ ମଧ୍ୟ ଗିରଫ ହୋଇନଥିବା ଜଣାଯାଇଛି। ଅପରାଧୀମାନଙ୍କୁ ତୁରନ୍ତ ଗିରଫ କରିବା ବିଭିନ୍ନ ସାମ୍ବାଦିକ ସଂଘ ପକ୍ଷରୁ ଦାବି କରାଯାଇଛି।



# ମା’ ଖଡ୍‌ଗେଶ୍ୱରୀଙ୍କ ପୀଠରେ ବିଶ୍ୱଶାନ୍ତି ଚଣ୍ଡୀ ମହାଯଜ୍ଞ



**ଗୋପ, ୨୩।୪(ସମିସ):** ଗୋପ ବ୍ଲକ ଅଧିନ ବେଦପୁର ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା’ ଖଡ୍‌ଗେଶ୍ୱରୀଙ୍କ ପୀଠରେ ବାର୍ଷିକ ବିଶ୍ୱଶାନ୍ତି ଚଣ୍ଡୀ ମହାଯଜ୍ଞ ପୂର୍ଣ୍ଣାହୂତୀ ହୋଇଯାଇଛି। ବିଶ୍ୱଶାନ୍ତି ଚଣ୍ଡୀ ମହାଯଜ୍ଞ ଅବସରରେ ମା’ଙ୍କର ସ୍ୱତନ୍ତ୍ର ରୀତିନୀତିରେ ପୂଜାର୍ଚ୍ଚନା କରାଯାଇଥିବା ବେଳେ ଠାକୁରଙ୍କ ନୀତିକାନ୍ତି ସମ୍ପନ୍ନ ପରେ ସକାଳୁ ବାଲଭୋଗ, ପଣାଭୋଗ, ଖେଚୁଡ଼ି ଧୂପ ପରେ ଯଜ୍ଞ ଆରମ୍ଭ ହୋଇଥିଲା ପଣ୍ଡିତ ପ୍ରଦୀପ କୁମାର ମିଶ୍ରଙ୍କ ସମେତ ବିଶିଷ୍ଟ ପଣ୍ଡିତମାନଙ୍କ ଦ୍ୱାରା ବିଶ୍ୱଶାନ୍ତି ଚଣ୍ଡୀ ମହାଯଜ୍ଞ ସମ୍ପନ୍ନ କରାଯାଇଛି। କର୍ତ୍ତା ଭାବେ ଅଜୟ କୁମାର ମିଶ୍ର, କର୍ତ୍ତି ଭାବେ ପ୍ରିୟମ୍ବଦା ମିଶ୍ର ଯଜ୍ଞକାର୍ଯ୍ୟ ସଂମାପନ କରିଥିବା ବେଳେ ତିନିଦିନ ବ୍ୟାପି ଚାଲିଥିବା ଯଜ୍ଞରେ ସ୍ଥାନୀୟ ଅଞ୍ଚଳର ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିବା ଦେଖିବାକୁ ମିଳିଥିଲା। ପୂର୍ଣ୍ଣାହୂତୀରେ ଗ୍ରାମବାସୀମାନେ ସହଯୋଗ କରିଥିଲେ। ପ୍ରତ୍ୟେକ ଦିନ ଭଜନ ସମାରୋହ, ପାଲା ଆଦି ଆଧ୍ୟାତ୍ମିକ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇଥିଲା।

## ମା’ମଙ୍ଗଳାଙ୍କ ଝାମୁଯାତ୍ରା ଶେଷ

# ରାଜରାଜେଶ୍ୱରୀ ବେଶରେ ଦର୍ଶନ ଦେଲେ ମା’

**ଗମ୍ଭାରୀପଦା/କାକଟପୁର, ୨୩।୪(ସମିସ):** ଚୈତ୍ରମାସର ଶେଷ ମଙ୍ଗଳବାର ପାରମ୍ପରିକ ପ୍ରଥାନୁସାରେ କାକଟପୁରର ଅଧିଷ୍ଠାତ୍ରୀ ଦେବୀ ମା’ମଙ୍ଗଳାଙ୍କ ମନ୍ଦିରରେ ପାଳିତ ହୋଇଛି ଶେଷ ପାଳି ଝାମୁଯାତ୍ରା। ଏକ ମାସ ବ୍ୟାପୀ ଚାଲିଥିବା ଚଇତି ପର୍ବର ଶେଷ ପାଳି ଯାତ୍ରା ଶେଷ ହୋଇଛି। ରାତ୍ର ୧ ଘଟିକାରେ ମନ୍ଦିର ଦ୍ୱାରଫିଟା ପରେ ମଙ୍ଗଳ ଆଳତି, ଭିତର ଶୋଧ, ସ୍ନାନ, ବେଶ, ଚନ୍ଦନ ଲାଗି ପରେ ସୂର୍ଯ୍ୟପୂଜା, ବଲ୍ଲଭ ନୀତି କରାଯାଇଥିଲା। ବଲ୍ଲଭନୀତି ପରେ ସକାଳ ଧୂପ, ବନ୍ଦାପନା ଆଳତୀ ପରେ ସର୍ବସାଧାରଣଙ୍କ ଦର୍ଶନ ପାଇଁ ମନ୍ଦିର ସାହାଣମେଲା କରାଯାଇଥିଲା। ମାତୃଭକ୍ତମାନେ ଉତ୍ତର ଓ ସିଂହ ଦ୍ୱାର ଦେଇ ବ୍ୟାରିକେଟ ମଧ୍ୟରେ ଧାଡ଼ିରେ ମନ୍ଦିର ଗର୍ଭଗୃହକୁ ଯାଇ ମା’ଙ୍କ ରାଜରାଜେଶ୍ୱରୀ ବେଶ ଦର୍ଶନ କରିଥିଲେ। ସୀମନ୍ତିନୀ ମହିଳାମାନେ ମନ୍ଦିର ବେଢ଼ାରେ ନିଜ ସ୍ୱାମୀ ଓ ପରିବାରର ମଙ୍ଗଳ କାମନା କରି ପଲ୍ଲେଇ ପୂଜା କରିଥିଲେ। ଦିନ ପ୍ରାୟ ୧ଟା ବେଳକୁ ଝଙ୍କଡ ପୀଠରୁ ଆସିଥିବା ରାଉଳ ସେବକମାନେ ଓ ସ୍ଥାନୀୟ ଅଞ୍ଚଳର ଭୋଇ ପାଟୁଆମାନେ ଶୋଭାଯାତ୍ରାରେ ପ୍ରାଚୀ ନଦୀର ଘଣ୍ଟ ତୋଳା ତୁଠ କୁ ଯାଇ ପାଣି ତୋଳି ମନ୍ଦିରର ପୂର୍ବ ଦ୍ୱାରରେ ଥିବା ଅଗ୍ନିପୂର୍ଣ୍ଣ ଗର୍ତ୍ତରେ ଚାଲିଥିଲେ, ଯାହାକୁ ଝାମୁ ଚାଲିବା କୁହାଯାଏ। ମା’ଙ୍କର ଆଜ୍ଞାମାଳ ପାଇବା ପର ପାଟୁଆ ମାନେ ଘଣ୍ଟ, ଢୋଲ ଓ କାହାଳୀ ହରିବୋଲ, ହୁଳହୁଳି ଏବଂ ପାରମ୍ପରିକ ବାଦ୍ୟର ତାଳେ ତାଳେ ଘଣ୍ଟ ପାଟୁଆ ନୃତ୍ୟ କରିଥିଲେ। ମା’ଙ୍କ ବଡସିଂହାର ଧୂପ ସରିବା ପରେ ମନ୍ଦିର ପହୁଡ଼ ପଡ଼ିଥିଲା। ଦିନରେ ପାଟୁଆ ନୃତ୍ୟ ଓ ରାତିରେ କାଳିକା ନୃତ୍ୟ ଦେଖି ମାତୃଭକ୍ତମାନେ ବିମୋହିତ ହୋଇ ପଡ଼ିଥିଲେ। ଝାମୁଯାତ୍ରା ପାଇଁ ମନ୍ଦିର ପ୍ରଶାସନ ଓ ସ୍ଥାନୀୟ ପୁଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।



# ୨୯ରେ ପ୍ରାର୍ଥିପତ୍ର ଦାଖଲ କରିବେ ସଞ୍ଜୟ

**ସାକ୍ଷୀଗୋପାଳ, ୨୩।୪(ସମିସ):** ସତ୍ୟବାଦୀ ନିର୍ବାଚନ ମଣ୍ଡଳୀ ସତ୍ୟବାଦୀ ଓ କଣାସ ବ୍ଲକକୁ ନେଇ ଗଠିତ। ନିର୍ବାଚନ ତାରିଖ ଯେତିକି ପାଖେଇ ଆସୁଛି ନିର୍ବାଚନୀ ତାତି ସେତିକି ବଢୁଛି। ବିଜେଡି ପ୍ରାର୍ଥୀ ପ୍ରଚାରରେ ସମସ୍ତଙ୍କ ଠାରୁ ଆଗରେ ରହିଛନ୍ତି। ବିଜେଡି, ବିଜେପି ଦଳୀୟ ପ୍ରାର୍ଥୀମାନେ ନିଜ ନିଜର ସମର୍ଥକଙ୍କୁ ସାଙ୍ଗରେ ଧରି କର୍ମୀ ବୈଠକ ସହିତ ଦୁଆର ଦୁଆର ବୁଲି ନିଜ ସପକ୍ଷରେ ଭୋଟ ଦେବାକୁ ଭୋଟରଙ୍କୁ ନିବେଦନ କରୁଥିବା ଜଣାପଡ଼ିଛି। ଏହି ଅବସରରେ ପୁରୀ ଜିଲ୍ଲାରେ ୨୯ ତାରିଖ ପ୍ରାର୍ଥୀ ପତ୍ର ଦାଖଲ ହେବାର ପ୍ରଥମ ଦିବସ। ଏହି ଦିନ ସତ୍ୟବାଦୀ ନିର୍ବାଚନ ମଣ୍ଡଳୀର ବିଧାନସଭା ପ୍ରାର୍ଥୀ ସଞ୍ଜୟ କୁମାର ଦାସବର୍ମା ବାଇକ୍ ଶୋଭାଯାତ୍ରା ସାକ୍ଷୀଗୋପାଳ ବକୁଳବନ ଠାରୁ ଆରମ୍ଭ କରି ପୁରୀ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇ ସେଠାରେ ନିଜର ନାମାଙ୍କନପତ୍ର ଦାଖଲ କରିବେ ବୋଲି ସତ୍ୟବାଦୀ ବ୍ଲକ ବିଜେଡି ସଭାପତି ପ୍ରମୋଦ ରାଉତରାୟଙ୍କ ଠାରୁ ସୂଚନା ମିଳିଛି। ଏହି ଶୋଭାଯାତ୍ରାର ଦାୟିତ୍ୱ ନେଇଥିବା ସତ୍ୟବାଦୀ ବ୍ଲକର ଅଧ୍ୟକ୍ଷ ସୁନୀଲ କୁମାର ପଣ୍ଡା ଓ କଣାସ ବ୍ଲକର ଅଧ୍ୟକ୍ଷାଙ୍କ ସହିତ ଦୁଇ ବ୍ଲକର ବିଜେଡି ସଭାପତି, ଯୁବ ସଭାପତି, ସରପଞ୍ଚ, ସମିତିସଭ୍ୟ ସଭ୍ୟା, ମହିଳାଗୋଷ୍ଠୀର ମା ମାନଙ୍କ ସହିତ ବିଭିନ୍ନ ପଞ୍ଚାୟତର ସଭାପତି ଓ ଯୁବ ଗୋଷ୍ଠୀ।



# ପାଣିଛତ୍ର ତ୍ରିନାଥ ଠାକୁରଙ୍କ ଝାମୁ ଯାତ୍ରା

**ନୟାହାଟ, ୨୩।୪(ସମିସ):** ପୁରୀ ଜିଲ୍ଲା ନୟାହାଟ ଫାଣ୍ଡି ଅନ୍ତର୍ଗତ ପାଣିଛତ୍ର ଠାରେ ତ୍ରିନାଥ ଠାକୁରଙ୍କ ଝାମୁ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର ଦିନ ୧ ଟା ସମୟରେ ପୂଜାର୍ଚ୍ଚନା କରାଯାଇ ଯାତ୍ରା ଆରମ୍ଭ ହୋଇଥିଲା। ତ୍ରିନାଥ ଠାକୁର ପୂଜାଯାତ୍ରା ପ୍ରାୟ ୫ ଶହ ବର୍ଷରୁ ଊର୍ଦ୍ଧ୍ୱ ହେବ ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି।ବିଭିନ୍ନ ଅଞ୍ଚଳରୁ ଶ୍ରଦ୍ଧାଳୁମାନେ ଆସି ତ୍ରିନାଥ ଠାକୁରଙ୍କୁ ଦର୍ଶନ କରିଥିଲେ। ଯାତ୍ରାରେ ଅଞ୍ଚଳରୁ ହଜାରରୁ ଊର୍ଦ୍ଧ୍ୱ ଭକ୍ତ ଯୋଗଦେଇଥିଲେ।

# ଆଇଆଇସିଙ୍କ ନିଆରା ପ୍ରୟାସ

**ଗମ୍ଭାରୀପଦା/କାକଟପୁର, ୨୩।୪ (ସମିସ):** ଚୈତ୍ର ମାସ ଶେଷ ମଙ୍ଗବାର ପବିତ୍ର ଝାମଯାତ୍ରା। ହଜାର ହଜାର ଭକ୍ତଙ୍କ ସମାଗମକୁ ଆଖିରେ ରାଖି କାକଟପୁର ଥାନା ପକ୍ଷରୁ କେବିମ ସ୍କୁଲ ଆନୁକୂଲ୍ୟରେ ନିଆରା ଜଳଛତ୍ର ବ୍ୟବସ୍ଥା କରାଯାଇଥିଲା। ନିଜେ ଥାନା ଆଇଆଇସି ଭକ୍ତମାନଙ୍କୁ ଦହି ସର୍ବତ ଓ ପାଣି ବାଣ୍ଟିଥିଲେ।



# ୧୯ ୯୨ ମାଟ୍ରିକ୍ ବ୍ୟାଚ୍‌ର ବନ୍ଧୁମିଳନ



**ଡେଲାଙ୍ଗ, ୨୩।୪(ସମିସ):** ପୁରୀ ଜିଲ୍ଲା ଡେଲାଙ୍ଗ ବ୍ଲକ ଅଧିନ ଅଭୟମୁଖୀ ରାମଚନ୍ଦ୍ରପୁରସ୍ଥିତ ସର୍ବପଲ୍ଲୀ ବିଦ୍ୟାପୀଠର ୧୯ ୯୨ ମସିହା ମାଟ୍ରିକ ବ୍ୟାଚର ବନ୍ଧୁ ମିଳନ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଧ୍ରୁବଚରଣ ବରାଳଙ୍କ ସଭାପତିତ୍ୱରେ ସନ୍ନିକଟ ନୀଳକଣ୍ଠେଶ୍ୱର ଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ସାଧାରଣ ସଭାର ଅୟୋଜନ କରାଯାଇଥିଲା। ଏହି ପରିପ୍ରେକ୍ଷିରେ ବିଦ୍ୟାଳୟର ପୂରାତନ ଶିକ୍ଷକମାନଙ୍କୁ ନିମନ୍ତ୍ରଣ କରାଯିବା ସହିତ ଗୁରୁପୂଜନ, ଗୁରୁବନ୍ଦନ, ମାଲ୍ୟାର୍ପଣ ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ଚନ୍ଦ୍ରମଣି ଜେନା, ବିଚିତ୍ରାନନ୍ଦ ଲେଙ୍କା, ଗୋଦାବରିଶ ଗୁମାନସିଂହ, ପୂର୍ଣ୍ଣଚନ୍ଦ୍ର ମିଶ୍ର, ଗଦାଧର ପଣ୍ଡା, ମୁରଲୀଧର ମଙ୍ଗରାଜ ପ୍ରମୁଖ ଯୋଗଦେଇ ଥିଲେ। ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ଜଗନ୍ନାଥ ଜେନା, ରାମଚନ୍ଦ୍ର ସେନାପତି, ସୁସାନ୍ତ ସ୍ୱାଇଁ, ପ୍ରମୋଦିନୀ ସ୍ୱାଇଁ, ମମତା ରଥ, ପଦ୍ମିନୀ ନାୟକ, ସରୋଜ ପରିଡ଼ା, ଦିନେଶ ମାର୍ଥା, ଦୁସ୍ମନ୍ତ ପ୍ରଧାନ, ପରିକ୍ଷିତ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଜଳିଗଲା ଏକର ଏକର ଗ୍ରାମ୍ୟ ଜଙ୍ଗଲ



**ଅସ୍ତରଙ୍ଗ, ୨୩।୪(ସମିସ):** ମଙ୍ଗଳବାର ଅପରାହ୍ନ ୪ ଘଟିକା ସମୟରେ ଅସ୍ତରଙ୍ଗ ବ୍ଲକ ଆଦିକନ୍ଦପୁର ଶାସନ ଗ୍ରାମ ରେ ଜଙ୍ଗଲ ଜମି ଓ ବାଡ଼ିରେ ଅଚାନକ ନିଆଁ ଲାଗିବା ଦୃଶ୍ୟ ଗ୍ରାମବାସୀଙ୍କ ଦୃଷ୍ଟି ଗୋଚର ହୋଇଥିଲା। ଗ୍ରାମବାସୀ ନିଆଁକୁ ଆୟତ୍ତ କରିବାକୁ ପ୍ରୟାସ କରିଥିଲେ, କିନ୍ତୁ ଚଇତାଳି ପବନ ଯୋଗୁ ନିଆଁ ଗୋଟେ ସ୍ଥାନରୁ ଅନ୍ୟ ସ୍ଥାନକୁ ବ୍ୟାପିଥିଲା। ଚାହୁଁ ଚାହୁଁ ଏକର ଏକର ଜଙ୍ଗଲ ଓ ଜମିରେ ନିଆଁ ଲାଗି ସବୁ ଜାଳି ଦେଇଥିଲା। ନିଆଁର ପ୍ରଭାବ ଅଣାୟତ୍ତ ହେବାରୁ ସ୍ଥାନୀୟ ଦମକଳ ବାହିନୀକୁ ଯୋଗାଯୋଗ କରିଥିଲେ। ଘଟଣାସ୍ଥଳରେ ଅଗ୍ନିଶମ ବିଭାଗ ଓ ଗ୍ରାମବାସୀ ଚେଷ୍ଟାକରି ଉକ୍ତ ଜଙ୍ଗଲରୁ ନିଆଁକୁ ଆୟତ୍ତ କରିଛନ୍ତି। ଅଗ୍ନିକାଣ୍ଡ ପାଇଁ ସମ୍ପୂର୍ଣ୍ଣ ଆଦିକନ୍ଦପୁର ଶାସନର ଗ୍ରାମବାସୀ ଭୟଭିତ ହୋଇଥିବା ବେଳେ କେହି ଦୁର୍ବୃତ୍ତ ଏହିଭଳି ଘଟଣା ଘଟେଇ ଥାଇପାରନ୍ତି ବୋଲି ଗ୍ରାମବାସୀ ଅଭିଯୋଗ ଆଣିଛନ୍ତି। ଗ୍ରୀଷ୍ମ ପ୍ରବାହରୁ ଗଛପତ୍ର ସବୁ ସୁଖି ଯାଇଛି, ଯଦି ଗୋଟେ ସ୍ଥାନରେ ନିଆଁ ଲାଗିଥିବ ତାହେଲେ ଏହା ଅନେକ ସ୍ଥାନକୁ ବ୍ୟାପିଥିବ ବୋଲି ଅଗ୍ନିଶମ ବାହିନୀ ସନ୍ଦେହ କରିଛି।

## ପିପିଲି-ଡେଲାଙ୍ଗ ନିର୍ବାଚନ ମଣ୍ଡଳୀ

# ୨୭୪ଟି ବୁଥ୍‌ରେ ୨ ଲକ୍ଷ ୩୭ ହଜାର ୮ ଶହ ୪୯ ଜଣମତଦାନ କରିବେ

**ପିପିଲି, ୨୩।୪ (ସମିସ) :** ନିର୍ବାଚନବିଗୁଲବାଜି ସାରିଛି।ଆସନ୍ତା ମେ’ମାସ ୨୫ ତାରିଖରେ ପିପିଲି-ଡେଲାଙ୍ଗ ନିର୍ବାଚନ ଅନୁଷ୍ଠିତ ହେବ। ଏହି ନିର୍ବାଚନ ମଣ୍ଡଳିଟି ପିପିଲି ବ୍ଲକ, ପିପିଲି ପୌରାଞ୍ଚଳ ଏବଂ ଡେଲାଙ୍ଗ ବ୍ଲକକୁ ନେଇ ଗଠିତ। ଉକ୍ତ ନିର୍ବାଚନ ମଣ୍ଡଳିରେ ପିପିଲି ବ୍ଲକର ୨୫ଟି ଗ୍ରାପ ଡେଲାଙ୍ଗ ବ୍ଲକର ୨୧ଟି ଗ୍ରାପ ଏବଂ ପିପିଲି ପୌରାଞ୍ଚଳର ୧୬ଟି ୱାର୍ଡକୁ ମିଶାଇ ୨୭୪ଟି ମତଦାନ କେନ୍ଦ୍ରରେ ୨ ଲକ୍ଷ ୩୭ ହଜାର ୮ ଶହ ୪୯ ଜଣ ଭୋଟର ସେମାନଙ୍କ ମତଦାନ ସାବ୍ୟସ୍ତ କରିବେ। ପିପିଲ ବ୍ଲକର ୧୫୫ଟି ମତଦାନ କେନ୍ଦ୍ରରେ ପୁରୁଷ ୬୯ ହଜାର ୫ ଶହ ୫୨। ମହିଳା ୬୬ ହଜାର ୨ ଶହ ୯୨ ଜଣ ଏବଂ ତୃତୀୟ ଲିଙ୍ଗ ୬ ଜଣଙ୍କୁ ମିଶାଇ ୧ ଲକ୍ଷ ୩୫ ହଜାରେ ୮ ଶହ ୪୯ ଜଣ ମତଦାନ ସାବ୍ୟସ୍ତ କରିବେ। ତେବେ ପିପିଲି ବ୍ଲକରେ ୬ ହଜାରେ ୧ ଶହ ୪୯ ଜଣ ୨୦୨୪ ନିର୍ବାଚନରେ ପ୍ରଥମ ଥର ପାଇଁ ମତଦାନ କରିବେ। ସେମାନଙ୍କ ମଧ୍ୟରୁ ୨ ହଜାର ୯୯ ଜଣ ପୁରୁଷ ଭୋଟର ହୋଇଥିବାବେଳେ ୪ ହଜାର ୫୦ ଜଣ ମହିଳା ଭୋଟର। ସେହିଭଳି ଡେଲଙ୍ଗ ବ୍ଲକର ୧୧୯ ଗୋଟି ମତଦାନ କେନ୍ଦ୍ରରେ ଜଣେ ତୃତୀୟ ଲିଙ୍ଗକୁ ମିଶାଇ ମୋଟ ଏକ ଲକ୍ଷ ୨ ହଜାର ଭୋଟର ମତଦାନ କରିବେ। ନୂତନ ଭୋଟର ୨୧୨୧ ଜଣ। ସେମାନଙ୍କ ମଧ୍ୟରୁ ୮ଶହ ୯୯ ଜଣ ପୁରୁଷ ଏବଂ ୧୨୨୨ ଜଣ ମହିଳା ଭୋଟର। ସେହିଭଳି ପିପିଲିରେ ମଡେଲ ମତଦାନ କେନ୍ଦ୍ର ୨୨ଟି ଏବଂ ଡେଲାଙ୍ଗରେ ୨୦ ଟି କରାଯାଇଛି। ପିପିଲିରେ ୧୭ (ସତର) ଗୋଟି (ମହିଳା) ସଖୀ ବୁଥ୍ ମହିଳା ପରିବେଶ ବୁଥ ୧ଟି, ଯୁଥ ବୁଥ ୧ଟି, ଭିନକ୍ଷମ ବୁଥ ୧ଟି ଏବଂ ସଖୀ ଓ ଗ୍ରାମ୍ୟ ଥିବା ବୁଥ ୨ ଗୋଟି ବୁଥକୁ ମଡେଲ ବୁଥ ଭାବେ ନିଆଯାଉଛି। ସେହିଭଳି ଡେଲଙ୍ଗ ବ୍ଲକରେ ୨୦ ଗୋଟି ବୁଥକୁ ଆଦର୍ଶ ମତଦାନ କେନ୍ଦ୍ର ଭାବେ ନିଆଯାଇଛି।

### ୬୦୫ ଜଣଙ୍କ ନାମରେ ଏନବିଡବ୍ଲ୍ୟୁ

ପିପିଲି, ୨୩।୪(ସମିସ) ପିପିଲି ଏସ୍‌ଡିପିଓଙ୍କ ଅଧିନରେ ଥିବା ଥାନା ଗୁଡିକରେ ୬୦୫ ଜଣଙ୍କ ନାମରେ ପଡ଼ି ରହିଛି ଜାମିନ ବିହୀନ ଗିରଫ ପରୱାନା। ଏପରିକି ୧୫ ବର୍ଷରୁ ଅଧିକ ସମୟ ହେବ କିଛି ଥାନାରେ ଏଭଳି ଏନ୍‌ବିଡବ୍ଲ୍ୟୁ ପଡ଼ିଥିଲେବି ଅଭିଯୁକ୍ତଙ୍କୁ ଧରିବା ପାଇଁ ପୁଲିସ ଉଦ୍ୟମ କରୁନି। ଫଳରେ ସେସବୁ ମାମଲାରେ ବିଚାର ଦଶନ୍ଧି ଧରି ଗଡ଼ି ଚାଲିଛି। ପିପିଲି ଏସ.ଡିପିଓଙ୍କ ଅଧିନରେ ଥିବା ପାଞ୍ଚ ଗୋଟି ଥାନା ୬୦୫ଟି ୱାରେଣ୍ଟ ରହିଛି। ବିଭିନ୍ନ ଥାନାରେ ଛିନ୍‌ତାଇ ମାମଲାରେ ଥିବା ଅଭିଯୁକ୍ତ ଗତ ୧୫ ବର୍ଷହେବ ପୁଲିସରେ କର୍ଡରେ ଫେରାର ଅଛି। ପେଷାଦାର ଅପରାଧି, ପେଷାଦାରୀ ଠକ ପ୍ରଭୃତି ଅପରାଧିଙ୍କ ନାମରହିଛି। ତେବେ ପିପିଲି ଥାନାରେ ୧୯୧, ସାକ୍ଷୀଗୋପାଳ ଥାନାରେ ୨୧୦, ବଳଙ୍ଗା ଥାନାରେ ୪୦, ଡେଲାଙ୍ଗ ଥାନାରେ ୯୫ ଏବଂ କଣାସ ଥାନାରେ ୬୯ ଜଣଙ୍କ ନାମରେ ଜାମିନ ବିହୀନ ଗିରିଫ ପର୍‌ୱାନା ଥିବା ବେଳେ ଅଭିଯୁକ୍ତମାନେ ଖୋଲାରେ ବୁଲୁଛନ୍ତି ମାତ୍ର ତାଙ୍କର ପତା ପୁଲିସ୍ ପାଉନି ଯାହାକି ଚିନ୍ତା ଜନକ। ତେବେ ଏହି ୬୦୫ ଜଣଙ୍କ ମଧ୍ୟରୁ ପ୍ରାୟ ୧୫୦ ଜଣରୁ ଊର୍ଦ୍ଧ୍ୱ ଅଭିଯୁକ୍ତଙ୍କୁ ଗିରଫ କରାଗଲାଣି ଅନ୍ୟମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ପିପିଲି ଏସ୍‌ଡିପିଓ ବିରଞ୍ଚି ନାରାୟଣ ପତିକହିଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଲା ଉପରୋକ୍ତ ଥାନା ଅଞ୍ଚଳର ବହୁ ଅଭିଯୁକ୍ତ ସେମାନଙ୍କ ଥାନା ଅଞ୍ଚଳ ପରିବର୍ତ୍ତନ କରି ବାହାର ଥାନା ଅଞ୍ଚଳରେ ରହୁଥିବାରୁ ସେମାନଙ୍କୁ ଗିରଫ କରିବାରେ ପ୍ରତିବନ୍ଧକ ସୃଷ୍ଟି ହେଉଥିବାର ଏସଡିପିଓ କହିଛନ୍ତି।



୩ୟ ଜନ୍ମବାର୍ଷିକ ଶୁଭେଚ୍ଛା
ଶ୍ରୀୟାଂଶୀ
ମହାପ୍ରଭୁ ଶ୍ରୀ ଜଗନ୍ନାଥ ତୋତେ ନିରୋଗ, ଦୀର୍ଘାୟୁ ଓ ଯଶସ୍ୱୀ କରନ୍ତୁ। ତୋର ଚଲାପଥ କୁସୁମିତ ହେଉ ଓ ଭବିଷ୍ୟତ ଉଜ୍ଜ୍ୱଳମୟ ହେଉ । ଆଜି ଜନ୍ମଦିନରେ ଏତିକି ପ୍ରାର୍ଥନା।
ଶୁଭେଚ୍ଛା ସହ:
ବାପା, ମାମା ଓ ପରିବାରବର୍ଗ


# ନିମାପଡ଼ାରେ ସମୀର ସମର୍ଥକଙ୍କ ବୈଠକ



**ନିମାପଡ଼ା, ୨୩।୪(ସମିସ):** ମଙ୍ଗଳବାର ସ୍ଥାନୀୟ ଏକ କଲ୍ୟାଣ ମଣ୍ଡପରେ ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ୍ତ ଖଟୋଇଙ୍କ ସଭାପତିତ୍ୱରେ ନିମାପଡ଼ା ନିର୍ବାଚନ ମଣ୍ଡଳୀସ୍ତରୀୟ ନିର୍ବାଚିତ ପ୍ରତିନିଧିଙ୍କୁ ନେଇ ବୈଠକ ଅନୁଷ୍ଠିତ ହୋଇଯାଇଛି। ନବୀନ ସରକାରଙ୍କ ଲୋକାଭିମୁଖୀ କାର୍ଯ୍ୟ ଗୁଡିକୁ ନିମାପଡ଼ାରେ ସଫଳତାର ସହିତ କାର୍ଯ୍ୟକାରୀ କରିବା ଏବଂ ନିମାପଡ଼ା ନିର୍ବାଚନ ମଣ୍ଡଳୀ ନିମାପଡ଼ା, ଗୋପ ବ୍ଲକ ୪୬ ଟି ପଞ୍ଚାୟତ ଏବଂ ନିମାପଡ଼ା ଏନ୍‌ଏସି ୧୧ଟି ୱାର୍ଡରେ ବିଜେଡିର ସଂଗଠନ ତୃଣମୂଳସ୍ତରରେ ମଜବୁତ ସମୀରଙ୍କ ଯୋଗୁଁ ହୋଇପାରିଛି ବୋଲି ବୈଠକରେ ଯୋଗ ଦେଇଥିବା ଦଳୀୟ ନେତା ଏବଂ ନିର୍ବାଚିତ ପ୍ରତିନିଧିମାନେ କହିଥିଲେ। ଏହି ବୈଠକରେ ବିଧାୟକ ସମୀର ରଞ୍ଜନ ଦାଶ, ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ସତ୍ୟବ୍ରତ ପାତ୍ର, ନିମାପଡ଼ା ବ୍ଲକ ଅଧ୍ୟକ୍ଷ ଶଙ୍କର ଭୋଇ, ଉପାଧ୍ୟକ୍ଷା ଅନୁସୂୟା ମହାନ୍ତି, ଗୋପ ବ୍ଲକ ଅଧ୍ୟକ୍ଷ ଝୁନୁ ମଲ୍ଲିକ, ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ୍ତ ଖଟୋଇ, ଉପ-ନଗରପାଳ ସନ୍ତୋଷ ଦାଶ, ବିଜେଡି ଗୋପ ବ୍ଲକ ସଭାପତି ମଧୁସୂଦନ ପାଇକରାୟ, ନିମାପଡ଼ା ବ୍ଲକ ସଭାପତି ଅଶୋକ ସାହୁ, ସାଂସଦ ପ୍ରତିନିଧି ସୁଧିର ରଞ୍ଜନ ଦାଶ, ନିମାପଡ଼ା ନଗର ସଭାପତି ଜୀବନାନନ୍ଦ ମହାପାତ୍ର, ସମ୍ପାଦକ ସନ୍ତୋଷ ଓଝା, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଅଜୟ କୁମାର ସ୍ୱାଇଁ, ବରିଷ୍ଠ ନେତା ପଦ୍ମଚରଣ ସାହୁ, ଯୁବନେତା ବିଜୟ ପଟ୍ଟନାୟକ, ନିର୍ବାଚନ ମଣ୍ଡଳୀ ସମ୍ପାଦକ ରବୀନ୍ଦ୍ର ନାୟକଙ୍କ ସମେତ ଶତାଧିକ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ। ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ଓ ୫ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ନିମାପଡ଼ା ଟିକଟର ପୁର୍ନବିଚାର କରନ୍ତୁ ବୋଲି ଦଳୀୟ ନେତା ଓ କର୍ମୀମାନେ ଅନୁରୋଧ କରିଛନ୍ତି।


୫ମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି

୰ଡାକ୍ତର ଲଳିତେନ୍ଦୁ ଜେନା
ଗଙ୍ଗାମନ୍ଦିର, କଟକ
ଆବିର୍ଭାବ : ତା୧୮।୦୨।୧୯୭୦ରିଖ
ତିରୋଧାନ : ତା୧୯।୦୪।୨୦୧୯ରିଖ
ତୁମେ ସିନା ଆମକୁ ଛାଡ଼ି ଚାଲିଗଲ, ହେଲେ ତୁମର ଅବର୍ତ୍ତମାନରେ ଆଜି ବି ତୁମର ସେ ଅଭୁଲା ସ୍ମୃତି ସବୁ ପ୍ରତି ମୁହୂର୍ତ୍ତରେ ଆମ ମନକୁ ଆନ୍ଦୋଳିତ କରୁଛି। ତୁମ ଅମର ଆତ୍ମା ସଦ୍‌ଗତି ପ୍ରାପ୍ତ ହୋଇ ପ୍ରଭୁ ପାଦପଦ୍ମରେ ଲୀନ ହେଉ, ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ଏତିକି ପ୍ରାର୍ଥନା।
ଶୋକସନ୍ତପ୍ତ ବନ୍ଧୁ ଓ ପରିବାରବର୍ଗ

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

୰ ଗୋପୀନାଥ ଦାଶ
ଗୋବିନ୍ଦପୁର, ବାସୁଦେବପୁର, ଭଦ୍ରକ
ଆବିର୍ଭାବ: ୦୧.୧୦.୧୯୩୧
ତିରୋଧାନ: ୧୬.୦୪.୨୦୨୪
ଲିଭିଗଲା ତୁମ ପରାଣ ପ୍ରଦୀପ, ସରିଗଲା ତୁମ ଆୟୁ।
ସବୁକିଛି ଆମେ ହରାଇ ବସିଲୁ, ଫେରିବନି ତୁମେ କେବେ ବି ଆଉ।
ଶୋକସନ୍ତପ୍ତ: ଗୌରହରି, ଭକ୍ତହରି, ସଞ୍ଜୟ ଓ ବନ୍ଧୁଜନ ଓ ପରିବାରବର୍ଗ

# ଶ୍ରୀକ୍ଷେତ୍ର ସିଟି

୨୩/୪/୨୦୨୪ (ମଙ୍ଗଳବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୩,୫୨,୫୪୭/- ସୁନା: ୦୦.୭୫୦ ଗ୍ରାମ୍ ରୁପା: ୦୦.୮୦୦ ଗ୍ରାମ୍



■ ଆଜି ଛତିଶା ନିଯୋଗ ବୈଠକ

## ଚୂଡ଼ାନ୍ତ ହେବ ଚନ୍ଦନ ଯାତ୍ରା ରୂପରେଖ

**ପୁରୀ,୨୩।୪(ସମିସ):** ବୁଧବାର ଅନୁଷ୍ଠିତ ହେବ ଛତିଶା ନିଯୋଗ ବୈଠକ। ଅପରାହ୍ନ ସାଢେ ୫ଟାରେ ନୀଳାଦ୍ରି ଭକ୍ତ ନିବାସରେ ଅନୁଷ୍ଠିତ ହେବାକୁ ଥିବା ବୈଠକରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅଧକ୍ଷତା କରିବେ। ଏଥିରେ ମୁଖ୍ୟତଃ ମହାପ୍ରଭୁଙ୍କ ଚନ୍ଦନ ଯାତ୍ରାର ନୀତି ନିର୍ଘଣ୍ଟ କରାଯିବ। ଆସନ୍ତା ମେ ୧୦ ତାରିଖରେ ପବିତ୍ର ଅକ୍ଷୟ ତୃତୀୟା। ଏହିଦିନଠାରୁ ଆରମ୍ଭ ହେବ ମହାପ୍ରଭୁଙ୍କ ଚନ୍ଦନ ଯାତ୍ରା। ପଞ୍ଚମହାଦେବଙ୍କ ସହ ମିଶି ନରେନ୍ଦ୍ର ପୁଷ୍କରିଣୀରେ ଜଳକ୍ରୀଡ଼ା କରିବେ ମହାପ୍ରଭୁ। ତେଣୁ କିପରି ଠାକୁରଙ୍କ ଚନ୍ଦନ ଯାତ୍ରା ନୀତି ଶୃଙ୍ଖଳିତ ହେବ ତାହା ଉପରେ ବୈଠକରେ ଆଲୋଚନା କରାଯାଇ ନିଷ୍ପତ୍ତି ନିଆଯିବ। ଏହାବ୍ୟତୀତ ସଭପତିଙ୍କ ଅନୁମୋଦନକ୍ରମେ ଅନ୍ୟାନ୍ୟ ପ୍ରସଙ୍ଗ ମଧ୍ୟ ଆଲୋଚନା ହେବା ସମ୍ଭାବନା ରହିଛି।

## ବେଳାଭୂମିରୁ ଯୁବକଙ୍କ ମୃତଦେହ ଉଦ୍ଧାର

**ପୁରୀ,୨୩।୪(ସମିସ):** ପୁରୀ ବେଳାଭୂମିରୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରିଛି ପୁଲିସ। ବଳିଆପଣ୍ଡା ଥାନା ଲାଇଟ୍ ହାଉସ ନିକଟ ବେଳାଭୂମିରେ ଜଣେ ଯୁବକଙ୍କ ମୃତଦେହ ପଡିଥିବା ପୁଲିସ ଖବର ଦିଆଯାଇଥିଲା। ଏହାପରେ ପୁଲିସ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ତେବେ ମୃତକଙ୍କ ପରିଚୟ ଜଣାପଡି ନ ଥିବାବେଳେ ତାଙ୍କର କିପରି ମୃତ୍ୟୁ ହେଲା ସେ ନେଇ ପୁଲିସ ଖୋଳତାଡ଼ ଚଳାଇଛି। ତେବେ କେହି ତାଙ୍କୁ ହତ୍ୟା କରିଥାଇପାରେ ବୋଲି ସ୍ଥାନୀୟ ଲୋକେ ସନ୍ଦେହ କରୁଥିବା ବେଳେ ଆଉ କେହି ସମୁଦ୍ରରେ ବୁଡ଼ିଯିବାରୁ ତାଙ୍କର ମୃତ୍ୟୁ ଘଟିଥିବା କହୁଛନ୍ତି। ଅନ୍ୟପକ୍ଷରେ ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୁଲିସ କହିଛି।

■ ଗଣତନ୍ତ୍ରକୁ ସଶକ୍ତ କରିଥାଏ ମତଦାନ

## ନିଶ୍ଚିତ ମତଦାନ ପାଇଁ ଅନୁରୋଧ



**ପୁରୀ,୨୩।୪(ସମିସ):** ଗଣତନ୍ତ୍ରକୁ ସଶକ୍ତ କରିଥାଏ ମତଦାନ। ମତଦାନ ପ୍ରତ୍ୟେକ ସାବାଳକର ଗଣତାନ୍ତ୍ରିକ ଅଧିକାର। ସେଥିପାଇଁ ନିର୍ବାଚନକୁ ଗଣତନ୍ତ୍ରର ମହାପର୍ବ ବୋଲି କୁହାଯାଏ। ତେଣୁ ପ୍ରତ୍ୟେକ ଭୋଟର ଆଗାମୀ ନିର୍ବାଚନରେ ନିଶ୍ଚିତ ମତଦାନ କରିବା ଉଚିତ୍। ସହରାଞ୍ଚଳରେ ମତଦାନ ହାରକୁ ବୃଦ୍ଧି ଲକ୍ଷ୍ୟରେ ମଙ୍ଗଳବାର ପୂର୍ବାହ୍ନରେ ବିଶ୍ୱମ୍ଭର ବିଦ୍ୟାପୀଠଠାରେ ସୁଇପ ବା ସିଷ୍ଟେମେଟିକ ଭୋଟର୍ସ ଏଜୁକେଶନ ଆଣ୍ଡ ଇଲେକ୍ଟରସ ପାର୍ଟିସିପେସନ ପ୍ରୋଗ୍ରାମ ଜରିଆରେ ଛାତ୍ରଛାତ୍ରୀମାନଙ୍କ ମାଧ୍ୟମରେ ସେମାନଙ୍କ ପିତାମାତା ଓ ଅଭିଭାବକଙ୍କୁ ନିଶ୍ଚିତ ମତଦାନ ପାଇଁ ଅନୁରୋଧପତ୍ର ପ୍ରଦାନ କରାଯାଇଛି। ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ କୈଳାସ ଚନ୍ଦ୍ର ନାୟକ, ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ଅତିରିକ୍ତ ଉପଜିଲ୍ଲାପାଳ ନୀଳମାଧବ ମାଝି, ଡେପୁଟି କଲେକ୍ଟର ରାକେଶ କୁମାର ପଣ୍ଡା, ମନିଷା ଷଡ଼ଙ୍ଗୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ବିଶ୍ୱମ୍ଭର ବିଦ୍ୟାପୀଠର ପ୍ରଧାନ ଶିକ୍ଷୟିତ୍ରୀ ଶୁଭଶ୍ରୀ ଦାଶ ଓ ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଉପସ୍ଥିତିରେ ଛାତ୍ରଛାତ୍ରୀମାନେ ଏହି ଅନୁରୋଧ ପତ୍ର ଲେଖିଥିଲେ। ଉପରୋକ୍ତ ଅଧିକାରୀମାନେ ଏକ ସୁଦୃଢ ଗଣତନ୍ତ୍ର ପାଇଁ ପ୍ରତିଟି ଭୋଟ ମୂଲ୍ୟବାନ ଏବଂ ପ୍ରତ୍ୟେକ ଭୋଟର ଆଗାମୀ ନିର୍ବାଚନରେ ନିଶ୍ଚିତ ମତଦାନ କରିବାକୁ ଅନୁରୋଧ କରିଥିଲେ। ତେଣୁ ଛାତ୍ରଛାତ୍ରୀମାନେ ସେମାନଙ୍କ ପିତାମାତା ଓ ଅଭିଭାବକମାନଙ୍କୁ ମତଦାନ ଦିନ ନିଜ ନିଜ ବୁଥ୍‌ରେ ନିଶ୍ଚୟ ମତଦାନ କରିବାର ଆବଶ୍ୟକତା ପାଇଁ ପ୍ରବର୍ତ୍ତାଇବା ଉଚିତ। ଏହି ଅବସରରେ ପିଲାମାନେ ଗଣତନ୍ତ୍ରରେ ମତଦାନର ଆବଶ୍ୟକତାକୁ ଉପଲବ୍ଧି କରି ପିତା ମାତା ଓ ଅଭିଭାବକଙ୍କ ଉଦ୍ଦେଶ୍ୟରେ ଚିଠି ଲେଖି ମତଦାନ ପାଇଁ ଅନୁରୋଧ କରିଥିଲେ।

ଅଭୟାରଣ୍ୟରେ ଅଗ୍ନିକାଣ୍ଡ

# ଜଳିଗଲା ୪ ହେକ୍ଟର ଜଙ୍ଗଲ



**ପୁରୀ,୨୩।୪(ସମିସ):** ବାଲୁଖଣ୍ଡ ଅଭୟାରଣ୍ୟରେ ଅଗ୍ନିକାଣ୍ଡ। ଏଥିରେ ପ୍ରାୟ ୪ ହେକ୍ଟର ଜଙ୍ଗଲ ଜଳିଯାଇଛି। ତେବେ ଏହି ଅଗ୍ନିକାଣ୍ଡ କିପରି ଘଟିଲା ତାହା ସ୍ପଷ୍ଟ ଜଣାପଡି ନ ଥିବାବେଳେ ସ୍ଥାନୀୟ ପରିବେଶ ବିକାଶ ସମିତି (ଇଡିସି), ସ୍ୱେଚ୍ଛାସେବୀ ଓ ବନ କର୍ମଚାରୀ ନିଆଁକୁ ଲିଭାଇ ଦେଇଛନ୍ତି। ଫଳରେ ଏକ ବଡ଼ ଧରଣର ଅଗ୍ନିକାଣ୍ଡ ଟଳିଯାଇଛି।

ମଙ୍ଗଳବାର ଗଡ଼ବାଙ୍ଗର ପଞ୍ଚମୁଖୀ ଇଡ଼ିସି ଅଞ୍ଚଳରେ ଏହି ନିଆଁ ଲାଗିଥିଲା। କୁଶଭଦ୍ରା ବ୍ରିଜ୍ ପୂର୍ବରୁ ଡାହଣ ପାର୍ଶ୍ୱକୁ ପୂର୍ବାହ୍ନ ପ୍ରାୟ ୧୧ଟାରୁ ମଧ୍ୟାହ୍ନ ୧୨ଟା ମଧ୍ୟରେ ନିଆଁ ଲାଗିଥିଲା। ଜଙ୍ଗଲ ଜଗିବାର ପାଳିଥିବା ବ୍ୟକ୍ତି ପ୍ରଥମେ ନିଆଁ ଲାଗିଥିବା ଦେଖି ଗାଁ ମୂଳକ ସଭାପତିଙ୍କୁ ଖବର ଦେଇଥିଲେ। ମୂଳକ ସଭାପତି ଘଣ୍ଟ ବାଡେଇ ଗାଁରେ ଏହି ସୂଚନା ଦେଇ ନିଆଁ ଲିଭାଇବାକୁ ବାହାରିଥିଲେ। ଆଖପାଖର ୬/୭ଟି ଗାଁର ପ୍ରାୟ ୧୫୦ ଲୋକ ଜଙ୍ଗଲରେ ପହଞ୍ଚି ଗଛ ଡାଳ ଭାଙ୍ଗି ନିଆଁକୁ ଆୟତ୍ତ କରିବା କାମରେ ଲାଗିଥିଲେ। ସେଭ୍ କୋଷ୍ଟାଲ ଲାଇଫ୍ ସଙ୍ଗଠନର ସ୍ୱେଚ୍ଛାସେବୀ ବି ଏଥିରେ ସାମିଲ ହୋଇଥିଲେ। ଏହାପରେ ବନ କର୍ମଚାରୀ ବାଲିଘାଇ ଓ ବାଲୁଖଣ୍ଡର ବନ କର୍ମଚାରୀ ପହଞ୍ଚିଥିଲେ। ସେତେବେଳକୁ ନିଆଁ ଧୀରେ ଧୀରେ ଆୟତ୍ତକୁ ଆସୁଥିଲା। ବନ କର୍ମଚାରୀ, ଗାଁ ଲୋକେ ଏବଂ ସ୍ୱେଚ୍ଛାସେବୀ ପ୍ରାୟ ଅଢେ ଘଣ୍ଟା ପରିଶ୍ରମ କରିବା ପରେ ନିଆଁ ସମ୍ପୂର୍ଣ୍ଣ ଭାବେ ଲିଭିଥିଲା। ତେବେ ଏହି ଅଗ୍ନିକାଣ୍ଡରେ ପ୍ରାୟ ୧୦ ଏକର ଜଙ୍ଗଲ ପୋଡ଼ି ଯାଇଛି। ଯଦିଓ ବଡ଼ ବଡ଼ ଗଛ ବିଶେଷ କ୍ଷତିଗ୍ରସ୍ତ ହୋଇ ନାହିଁ କିନ୍ତୁ ନିଆଁର ପ୍ରଭାବ ପଡିଛି। ପତ୍ରଗୁଡ଼ିକ ଝାଉଁଳି ଯାଇଥିବାବେଳେ ଛୋଟ ଛୋଟ ଗଛ, ବୁଦାଳିଆ ଗଛ ଏବଂ ଘାଷପତ୍ର ଆଦି ଜଳିଯାଇଛି।

କେଉଁଥିପାଇଁ ଜଙ୍ଗଲ ଭିତରେ ନିଆଁ ଲାଗିଲା ତାହା ସ୍ପଷ୍ଟ ଜଣାପଡି ନ ଥିବାବେଳେ ବିଡ଼ି କିମ୍ବା ସିଗାରେଟ୍ ନିଆଁରୁ ଏଭଳି ଅଗ୍ନିକାଣ୍ଡ ହୋଇଥିବା କୁହାଯାଉଛି। ସକାଳେ ସ୍ଥାନୀୟ ଲୋକେ ଜଙ୍ଗଲ ଭିତରକୁ ଶୌଚ ପାଇଁ ଯାଇଥାନ୍ତି। ଏପରି କି ଅନେକ ସମୟରେ ପର୍ଯ୍ୟଟକମାନେ ଏଥିପାଇଁ ଅଭୟାରଣ୍ୟ ମଧ୍ୟ ଯାଆନ୍ତି। ସେହିପରି ନିକଟ କୁଶଭଦ୍ରା ନଦୀରେ ମାଛ ମାରୁଥିବା ମତ୍ସ୍ୟଜୀବୀଙ୍କ ଉପରେ ମଧ୍ୟ ସନ୍ଦେହ କରାଯାଉଛି। କେହି ବିଡ଼ି କିମ୍ବା ସିଗାରେଟ୍ ଖାଇ ଅଧାପୋଡ଼ା ଅବସ୍ଥାରେ ପକାଇଦେବାରୁ ଏଭଳି ଘଟିଥିବା ସନ୍ଦେହ କରିଛନ୍ତି ବାଲୁଖଣ୍ଡର ରେଞ୍ଜ ଅଧିକାରୀ ପ୍ରଦୀପ୍ତ କୁମାର ମହାନ୍ତି। ଯାହା ବି ହେଉନା କାହିଁକି ଆଗକୁ ଖରା ବଢିବ। ବିଗତ ବର୍ଷଗୁଡ଼ିକୁ ଦେଖିଲେ ଖରାଦିନେ ବାଲୁଖଣ୍ଡ ଅଭୟାରଣ୍ୟରେ ଅନେକଥର ଅଗ୍ନିକାଣ୍ଡ ଘଟି ଜଙ୍ଗଲ ସମ୍ପଦ ନଷ୍ଟ ହୋଇଛି। ତେଣୁ ଏହାକୁ ପ୍ରତିହତ କରିବାକୁ ହେଲେ ବନ ବିଭାଗ ସମେତ ଇଡିସିକୁ ସ୍ୱତନ୍ତ୍ର ଭାବେ ଦୃଷ୍ଟି ଦେବାକୁ ପଡିବ ବୋଲି କହିଛନ୍ତି ପ୍ରକୃତି ବନ୍ଧୁ ସରୋଜ କୁମାର ଜେନା।

## ଗାଡ଼ି ଚେକିଂ ବେଳେ ବନ୍ଧୁକ ଜବତ, ଯୁବକ ଗିରଫ

**ପୁରୀ,୨୩।୪(ସମିସ):** ଗାଡ଼ି ଚେକିଂ ବେଳେ ବନ୍ଧୁକ ସମୁଦ୍ରକୂଳ ଥାନା ପୁଲିସ ଜଣେ ଯୁବକଙ୍କଠାରୁ ବନ୍ଧୁକ ଓ ଗୁଳି ଜବତ କରିବା ପରେ ତାକୁ ଗିରଫ କରିଛି। ଅଭିଯୁକ୍ତ ହେଲେ ବାଲିଉପର ତିଆଡି ସାହିର ସତ୍ୟପ୍ରକାଶ ମଲ୍ଲିକ(୨୪)। ଅଭିଯୋଗ ଅନୁଯାୟୀ, ସୋମବାର ଅପରାହ୍ନ ୫ଟାରେ ସମୁଦ୍ରକୂଳ ଥାନା ପୁଲିସ ସୁବାଷ ବୋଷ ଛକରେ ଗାଡ଼ି ଚେକିଂ କରୁଥିଲେ। ଏହି ସମୟରେ ଏକ ବୁଲେଟ୍‌ରେ ଆଚାର୍ଯ୍ୟ ହରିହର ଛକପଟୁ ଦ୍ରୁତଗତିରେ ଆସିଥିଲା ସତ୍ୟପ୍ରକାଶ। ପୁଲିସ ତାକୁ ଅଟକାଇ ଯାଞ୍ଚ କରିବାରୁ ଗୋଟିଏ ଦେଶୀ ବନ୍ଧୁକ, ଗୋଟିଏ ରାଉଣ୍ଡ ଗୁଳି, ଗୋଟିଏ ମୋବାଇଲ ଫୋନ ଏବଂ ବୁଲେଟ୍ ମୋଟରସାଇକେଲ ଜବତ କରିଥିଲା। ମାତ୍ର ଅସ୍ତ୍ରଶସ୍ତ୍ର ରଖିଥିବା ନେଇ କୌଣସି କାଗଜାତ ଦେଖାଇପାରି ନ ଥିଲା ସତ୍ୟପ୍ରକାଶ। ଏ ନେଇ ପୁଲିସ ଏକ ମାମଲା (ନଂ.୯୨/୨୪) ରୁଜୁ କରି ମଙ୍ଗଳବାର ତାକୁ କୋର୍ଟଚାଲାଣ କରିଛି।

## ଲଙ୍କାପୋଡ଼ିଲେ ହନୁମାନ, ଆଜି ସେତୁବନ୍ଧ ପ୍ରତିଷ୍ଠା

**ପୁରୀ,୨୩।୪(ସମିସ):** ସୀତାଙ୍କ ପାଇଁ ବିଷାଦରେ ରହିଥାନ୍ତି ପ୍ରଭୁ ଶ୍ରୀରାମ। ସୁଗ୍ରୀବ ସହ ମିତ୍ରତା ପରେ ହନୁମାନଙ୍କ ସହିତ ଶ୍ରୀରାମଙ୍କ ସାକ୍ଷାତ ହୁଏ। ଲଙ୍କାପୁରୀ ଯାଇ ସୀତାଙ୍କ ସନ୍ଧାନ ଲାଗି ହନୁମାନଙ୍କୁ କୁହନ୍ତି ରାମଚନ୍ଦ୍ର। ପ୍ରଭୁଙ୍କ ଶ୍ରୀହସ୍ତ ମୁଦ୍ରିକା ଧରି ଆଜ୍ଞା ପାଇଁ ହନୁମାନ ଲଙ୍କାରେ ପହଞ୍ଚି ସୀତାଙ୍କୁ ଠାବ କରନ୍ତି। ସୀତାଙ୍କଠାରୁ ବିଦାୟ ନେଇ ହନୁମାନ ଉଦ୍ୟାନକୁ ନଷ୍ଟଭ୍ରଷ୍ଟ କରନ୍ତି। ଏହାପରେ

### ଶ୍ରୀକ୍ଷେତ୍ରରେ ସାହିଯାତ

ଇନ୍ଦ୍ରଜିତର ଫାଶରେ ଆବଦ୍ଧ ହୋଇଛନ୍ତି। ରାବଣଙ୍କ ସହିତ ହନୁମାନଙ୍କ ସାକ୍ଷାତ ହୋଇଛି। ରାବଣ ଚନ୍ଦ୍ରହାସ ଖଡ଼ଗରେ ହନୁମାନଙ୍କୁ ହାଣିବା ବେଳେ ତାଙ୍କ ଶରୀରରେ ଭେଦ କରିନାହିଁ। ହନୁମାନଙ୍କ ଲାଙ୍ଗୁଡ଼ରେ ନିଆଁ ଲଗାଇଦେବାକୁ ବିଭୀଷଣ ପରାମର୍ଶ ଦିଅନ୍ତି। ରାବଣଙ୍କ ଆଦେଶରେ ହନୁମାନ ଲାଙ୍ଗୁଡ଼ରେ ନିଆଁ ଲଗାଯାଏ। ଏହାପରେ ହନୁମାନ ବିଚରଣ କରି ସ୍ୱର୍ଣ୍ଣପୁରୀ ଲଙ୍କାକୁ ନିମିଷକେ ଜାଳି ଦିଅନ୍ତି। ଦୋଳମଣ୍ଡପ ସାହି ପକ୍ଷରୁ ଶ୍ରୀରାମଲୀଳାର ଲଙ୍କାପୋଡ଼ି ପ୍ରସ୍ତାବ ସାହିଯାତ ମାଧ୍ୟମରେ ଶ୍ରୀଜଗନ୍ନାଥ ବଲ୍ଲଭ ମଠରେ ପରିବେଷଣ ହୋଇଛି। ଆଠସାହି ପକ୍ଷରୁ





ସାହିଯାତ ମାଧ୍ୟମରେ ଚାଲିଛି ରାମଲୀଳା। ମଙ୍ଗଳବାର ଚୈତ୍ର ପୂର୍ଣ୍ଣମୀରେ ସମ୍ପନ୍ନ ହୋଇଛି ଲଙ୍କାପୋଡ଼ି ନୀତି। ବୁଧବାର ସେତୁବନ୍ଧ ପ୍ରତିଷ୍ଠା ନୀତି ରହିଛି। ବାଲିସାହି ପକ୍ଷରୁ ସେତୁବନ୍ଧ ପ୍ରତିଷ୍ଠା ପ୍ରସ୍ତାବ ଶ୍ରୀଜଗନ୍ନାଥ ବଲ୍ଲଭ ମଠରେ ଅନୁଷ୍ଠିତ ହେବ। ବିଭିନ୍ନ ବେଶଧାରୀ ଏଥିରେ ସାମିଲ ହେବେ। ତେବେ ମଙ୍ଗଳବାର ଶ୍ରୀମନ୍ଦିରରେ ସନ୍ଧ୍ୟାଧୂପ ନୀତି ଏବଂ ଦକ୍ଷିଣୀ ଘର ଭୋଗ ନୀତି ବଢିଥିଲା। ମହାଜନ ସେବକ ଦକ୍ଷିଣୀ ଘରୁ ରାମ, ଲକ୍ଷ୍ମଣ ଏବଂ ସୀତାଙ୍କ ଚଳନ୍ତି ପ୍ରତିମାଙ୍କୁ ନେଇ ରତ୍ନସିଂହାସନ ଉପରେ ବିଜେ କରାଇଥିଲେ। ପୂଜାପଣ୍ଡା ସାମନ୍ତ ମହାପ୍ରଭୁଙ୍କ ଆଜ୍ଞାମାଳ ପ୍ରଦାନ କରିଥିଲେ। ଏହାପରେ ମହାଜନ ସେବକ ରାମ, ଲକ୍ଷ୍ମଣ ଓ ସୀତାଙ୍କୁ ବଟବୃକ୍ଷ ମୂଳେ ଥିବା ପାଲିଙ୍କିକୁ ବିଜେ କରାଇଥିଲେ। ବିମାନବଡୁମାନେ ପାଲିଙ୍କିକୁ ଘଣ୍ଟ, ଛତା, କାହାଳୀ ସହିତ ପଟୁଆରରେ ଜଗନ୍ନାଥ ବଲ୍ଲଭକୁ ନେଇଥିଲେ। ଠାକୁରଙ୍କୁ ଶ୍ରୀଜଗନ୍ନାଥ ବଲ୍ଲଭ ମଠ ଝୁଲଣ ଖଟ ଉପରେ ବିଜେ କରାଯାଇଥିଲା। ଏହାପରେ ମଠର ଆରାଧ ସୁଗ୍ରୀବ ମହାରାଜଙ୍କଠାରୁ ଆଜ୍ଞାମାଳ ବିଜେ ପରେ ଠାକୁରଙ୍କ ନିକଟରେ ଶୀତଳ ଭୋଗ ପନ୍ତୀ ହୋଇଥିଲା।

ରଥଯାତ୍ରାରେ ପଲ୍ଲିଶ୍ରୀ ମେଳା ପ୍ରସ୍ତୁତି ବୈଠକ

## ଏଥର ପଡ଼ିବ ୩୦୦ ଷ୍ଟଲ

**ପୁରୀ,୨୩।୪(ସମିସ):** ବିଗତ ବର୍ଷମାନଙ୍କ ଭଳି ଏବର୍ଷ ରଥଯାତ୍ରାରେ ଜାତୀୟସ୍ତରୀୟ ପଲ୍ଲିଶ୍ରୀ ମେଳାର ଆୟୋଜନ କରାଯିବ। ଏହି ମେଳା ଶରଧାବାଲି ନିକଟ ଭୋଳାନାଥ ବିଦ୍ୟପୀଠଠାରେ ଅନୁଷ୍ଠିତ ହେବ ବୋଲି ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ମଙ୍ଗଳବାର ପୂର୍ବାହ୍ନରେ ଜିଲ୍ଲାପାଳଙ୍କ ଆବାସିକ କାର୍ଯ୍ୟାଳୟରେ ପଲ୍ଲିଶ୍ରୀ ମେଳା ଆୟୋଜନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧକ୍ଷତା କରି ଜିଲ୍ଲାପାଳ ଶ୍ରୀ ସ୍ୱାଇଁ ରଥଯାତ୍ରାରେ ଦେଶ ବିଦେଶର ଲକ୍ଷ ଲକ୍ଷ ଭକ୍ତଙ୍କ ସମାଗମ ହେଉଥିବା ଯୋଗୁ ପଲ୍ଲିଶ୍ରୀ ମେଳାକୁ ଅଧିକ ଆକର୍ଷଣୀୟ ଓ ସୁନ୍ଦର ଭାବେ ସମ୍ପାଦନର ଆବଶ୍ୟକତା ରହିଛି। ପୂର୍ବ ବର୍ଷର ଅନୁଭବ ଓ ଅଭିଜ୍ଞତା ଆଧାରରେ ଏହାକୁ ଅଧିକ ଶୃଙ୍ଖଳିତ, ଲୋକାଭିମୁଖୀ ଓ ଆକୃଷ୍ଟ କରାଯିବ ବୋଲି କହିଥିଲେ। ଗତବର୍ଷର ୨୭୫ ଷ୍ଟଲକୁ ଚଳିତ ବର୍ଷ ୩୦୦କୁ ବୃଦ୍ଧି ସହ ଆକର୍ଷଣୀୟ କରିବାକୁ ସେ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି ସମସ୍ତଙ୍କୁ ସ୍ୱାଗତ ସହ ପଲ୍ଲିଶ୍ରୀ ମେଳା ସମ୍ପର୍କରେ ବିଗତ ବର୍ଷର ତଥ୍ୟ ଉପସ୍ଥାପନ କରିଥିଲେ। ଏବର୍ଷ ମେଳାର ବିବିଧ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ପୂର୍ତ୍ତ ବିଭାଗ ପକ୍ଷରୁ ମେଳା ସ୍ଥଳକୁ ସମତୁଲ କରିବା, ପୌରପାଳିକା ପରିଷ୍କାର ପରିଛନ୍ନ ରଖିବା, ସଫେଇ କର୍ମଚାରୀଙ୍କୁ ନିୟୋଜିତ କରିବା, ପୁରୁଷ ଓ ମହିଳାଙ୍କ ପାଇଁ ଅସ୍ଥାୟୀ ଶୌଚାଳୟ ବ୍ୟବସ୍ଥା, ୫ଟି ହୁଇଲ ଚେୟାର ଉପଲବ୍ଧ କରାଇବା, ୱାଟକୋ ଓ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ପାନୀୟଜଳ ଯୋଗାଣ ଓ ଶୌଚାଳୟ ବ୍ୟବସ୍ଥା, ବିଦ୍ୟୁତ୍ ବିଭାଗ ପକ୍ଷରୁ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ମେଳାର ପ୍ରଚାର ପ୍ରସାର କରାଇବା, ସଂସ୍କୃତି ବିଭାଗ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ବ୍ୟବସ୍ଥା କରିବା, ଆରକ୍ଷୀ ବିଭାଗ ପକ୍ଷରୁ ଆଇନ ଶୃଙ୍ଖଳା ରକ୍ଷା ଓ ଟ୍ରାଫିକ ନିୟନ୍ତ୍ରଣ ବ୍ୟବସ୍ଥା, ଅଗ୍ନିଶମ ବିଭାଗ ପକ୍ଷରୁ ଅଗ୍ନିନିର୍ବାପକ ବ୍ୟବସ୍ଥା, ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଚିକିତ୍ସା ବ୍ୟବସ୍ଥା ଓ ଓରମାସ ପକ୍ଷରୁ ଷ୍ଟଲ, ସାଜସଜ୍ଜା, ଯୋଗାଯୋଗ ଇତ୍ୟାଦି ବ୍ୟବସ୍ଥା କରିବାକୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଏଡିଏମଓ ଡା. ବିରଜା ଶଙ୍କର ରଥ, ପୌର ନିର୍ବାହୀ ଅଧିକାରୀ ପ୍ରଜ୍ଞାଶ୍ରୀ ପ୍ରିୟମ୍ବଦା, ଡିଆଇସି ଅମୂଲ୍ୟ କୁମାର ପଣ୍ଡା, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ପ୍ରମୁଖ ଯୋଗଦେଇଥିଲେ।

ଜିଲ୍ଲାପାଳଙ୍କ ମେଗା ପାଇପ୍ ଜଳଯୋଗାଣ ପ୍ରକଳ୍ପର ସମୀକ୍ଷା

# ତୁରନ୍ତ କାମ ସାରି ଲୋକଙ୍କୁ ସେବା ଦିଅ

**ପୁରୀ,୨୩।୪(ସମିସ):** ପୁରୀ ଜିଲ୍ଲାରେ ମେଗା ପାଇପ ଜଳ ଯୋଗାଣ ପ୍ରକଳ୍ପ ଗୁଡିକର ସମୀକ୍ଷା କରିବା ସହ ତ୍ୱରାନ୍ୱିତ ପ୍ରକ୍ରିୟାରେ କାର୍ଯ୍ୟ ସମାପ୍ତ କରି ଜନ ସାଧାରଣଙ୍କୁ ଜଳ ଯୋଗାଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ। ମଙ୍ଗଳବାର ସର୍କିଟ ହାଉସ ସମ୍ମିଳନୀ କକ୍ଷରେ ଏ ସମ୍ପର୍କୀତ ସମୀକ୍ଷା ବୈଠକ ଅଧକ୍ଷତା କରି ଜିଲ୍ଲାପାଳ ଶ୍ରୀ ସ୍ୱାଇଁ ପ୍ରକଳ୍ପଗୁଡିକ ଆରମ୍ଭ ହେବାର ଅନେକ ଦିନ ପର୍ଯ୍ୟନ୍ତ ଶେଷ ନ ହେବା ଓ ଲୋକମାନଙ୍କ ସେବାରେ ନ ଲାଗିବା ଦୁଃଖଦାୟକ ବୋଲି କହିଥିଲେ। ଆରମ୍ଭ ହୋଇଥିବା ୮ଟି ମେଗା ପ୍ରକଳ୍ପ ମଧ୍ୟରୁ ୪ଟିର କାର୍ଯ୍ୟ ୪ ବର୍ଷ ହେଲାଣି ଚାଲୁଥିଲେ ମଧ୍ୟ ଶେଷ ହେଉ ନ ଥିବାରୁ ସମ୍ପୃକ୍ତ ଏଜେନ୍ସି ଉପରେ ସେ ବିରକ୍ତି ପ୍ରକାଶ କରିଥିଲେ। ଏଲ୍ ଆଣ୍ଡ ଟି ଏଜେନ୍ସି ସତ୍ୟବାଦୀର ପ୍ରକଳ୍ପ କାର୍ଯ୍ୟକୁ ଆସନ୍ତା ୧୫ ଦିନ ମଧ୍ୟରେ ଶେଷ କରି ପ୍ରତ୍ୟେକ ପରିବାରକୁ ଜଳ ଯୋଗାଣ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଜିଭିପିଆର ଏଜେନ୍ସି ଅଧିକ ମାନବ ସମ୍ବଳ ଓ କୌଶଳ ଉପଯୋଗ କରି କୃଷ୍ଣପ୍ରସାଦ ବ୍ଲକର ମେଗା ପ୍ରକଳ୍ପକୁ ମଇ ୩୧ ସୁଦ୍ଧା ଓ କଣାସ ବ୍ଲକ ମେଗା ପ୍ରକଳ୍ପକୁ ଜୁନ୍ ୩୦ ତାରିଖ ସୁଦ୍ଧା ପୂର୍ଣ୍ଣାଙ୍ଗ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଅପରପକ୍ଷରେ ଭୋଲଟାସ ଏଜେନ୍ସିର ପ୍ରକଳ୍ପ ମ୍ୟାନେଜର ଯଥାଶୀଘ୍ର କାର୍ଯ୍ୟ ସମାପ୍ତ କରି ମଇ ପ୍ରଥମ ସପ୍ତାହ ସୁଦ୍ଧା ଟ୍ରାଏଲ ରନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। କାକଟପୁର, ଅସ୍ତରଙ୍ଗ, ଗୋପ, ପୁରୀ ସଦର, ସତ୍ୟବାଦୀ ଓ ଡେଲାଙ୍ଗ ବ୍ଲକ ଅଞ୍ଚଳରେ ନୂଆ ମେଗା ପ୍ରକଳ୍ପ ପାଇଁ ୭ ମାସ ତଳୁ ମଞ୍ଜୁର ସତ୍ତ୍ୱେ ଅଗ୍ରଗତି ହୋଇ ନ ଥିବାରୁ ଯଦି ଜମି ସମସ୍ୟା ରହୁଛି ତେବେ ସମ୍ପୃକ୍ତ ତହସିଲଦାରଙ୍କ ସହ ଯୋଗାଯୋଗ କରି କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଅଭିମନ୍ୟୁ ବାରିକ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗର ସମସ୍ତ ସହକାରୀ ଯନ୍ତ୍ରୀ, ଏସ୍‌ଡିଓ, କନିଷ୍ଠ ଯନ୍ତ୍ରୀମାନେ ଯୋଗ ଦେଇଥିଲେ।

## ଡ୍ରେନ ସଫେଇକୁ ଜିଲ୍ଲାପାଳଙ୍କ ଗୁରୁତ୍ୱ



**ପୁରୀ,୨୩।୪(ସମିସ):** ରଥଯାତ୍ରାର ଅବ୍ୟବହିତ ପୂର୍ବରୁ ପୁରୀ ସହରର ସମସ୍ତ ନାଳ ପରିଷ୍କାର ପରିଛନ୍ନ ରଖିବାକୁ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ପୌରପାଳିକାକୁ ନିର୍ଦ୍ଦେଶ ଦେଇଛନ୍ତି। ପୁରୀ ଏକ ଧାର୍ମିକ, ଐତିହ୍ୟ ଓ ପର୍ଯ୍ୟଟନର ସହର। ଦୈନିକ ଏଠାରେ ହଜାର ହଜାର ଲୋକଙ୍କ ସମାଗମ ହୋଇଥାଏ। ତେଣୁ ଡ୍ରେନଗୁଡ଼ିକୁ ନିୟମିତ ଭାବେ ସଫା ରଖିବା ଉପରେ ସେ ଗୁରୁତ୍ୱ ଦେଇଛନ୍ତି। ପୌରପାଳିକା ତତ୍ତ୍ୱାବଧାନରେ ଏଜେନ୍ସି ଜାଗୃତି କଲ୍ୟାଣ ସଙ୍ଗଠନ ଦ୍ୱାରା ବଡ଼ଦାଣ୍ଡର ଗ୍ରାଣ୍ଡ ସେଣ୍ଟରଠାରୁ ମରିଚକୋଟ ଛକ କଲଭର୍ଟ ପର୍ଯ୍ୟନ୍ତ ୨୪୪ ମିଟର ଡ୍ରେନ ନିଷ୍କାସନ ଓ ପରିଷ୍କାର କାର୍ଯ୍ୟ ଆରମ୍ଭ ହୋଇଛି। ପୌରପାଳିକା ନିର୍ବାହୀ ଅଧିକାରୀ ପ୍ରଜ୍ଞାଶ୍ରୀ ପ୍ରିୟମ୍ବଦା ଓ ଅନ୍ୟାନ୍ୟ ଅଧିକାରୀ କର୍ମଚାରୀମାନେ ଏହାକୁ ଅନୁଧ୍ୟାନ କରୁଛନ୍ତି।

● ସିମେଣ୍ଟ ଦୋକାନ ଉପରକୁ ବୋମାମାଡ଼ ଘଟଣା

## ବାପାଙ୍କ ହତ୍ୟାର ପ୍ରତିଶୋଧ ପାଇଁ ବୋମାମାଡ଼

**ପୁରୀ,୨୩।୪(ସମିସ):** ଚନ୍ଦନପୁର ସିଡି ଛକରେ ଥିବା ଏକ ସିମେଣ୍ଟ ଷ୍ଟୋର ଉପରକୁ ସୋମବାର ରାତି ପ୍ରାୟ ୮ଟା ସମୟରେ ବୋମାମାଡ଼ ହୋଇଥିଲା। ଏହି ଘଟଣାରେ ପୁଲିସ ୨ ଅଭିଯୁକ୍ତଙ୍କୁ କାବୁ କରିଥିବା ବେଳେ ପୂର୍ବ ଶତ୍ରୁତାକୁ ନେଇ ବୋମାମାଡ଼ ହୋଇଥିବା କହିଛି। ମଙ୍ଗଳବାର ପୁରୀ ସଦର ଏସ୍‌ଡିପିଓଙ୍କ କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏହି ବୋମାମାଡ଼ ସମ୍ପର୍କରେ ଏସ୍‌ଡିପିଓ ରବିନାରାୟଣ ଭଞ୍ଜ ଏବଂ ଆଇଆଇସି ଭୁବନମୋହନ ସାମନ୍ତରାୟ ସୂଚନା ଦେଇ କହିଥିଲେ ଯେ, ଏହି ବୋମାମାଡ଼ ପଛରେ ପୂର୍ବ ପାରିବାରିକ ବିବାଦ ରହିଛି। ଅଭିଯୋଗକାରୀ ମୌସୁମୀ ସାହୁଙ୍କର ସିଡି ଛକରେ ଏକ ସିମେଣ୍ଟ ଷ୍ଟୋର ରହିଛି। ସୋମବାର ରାତି ପ୍ରାୟ ୮ଟା ସମୟରେ ମୌସୁମୀ ତାଙ୍କ ଷ୍ଟୋରରେ ଥିଲେ। ଏହି ସମୟରେ ଅଭିଯୁକ୍ତ ଖରଡାପଡାର ସାରଜା କୁମାର ସାହୁ (୧୮) ତାଙ୍କ ସାଥୀଙ୍କ ସହ ଦୁଇଟି ବାଇକ୍‌ରେ ୪ ଜଣ ଆସି ଦୋକାନ କାନ୍ଥକୁ ଗୋଟିଏ ବୋମାମାଡ଼ କରି ପଳାଇ ଯାଉଥିଲେ। ଗୋଟିଏ ବାଇକ୍ ଚଲାଉଥିବା ପବିତ୍ର ମଲ୍ଲିକ ଦୁର୍ଘଟଣାର ଶିକାର ହୋଇ ରାସ୍ତା ପଡିଯାଇଥିଲେ। ତାଙ୍କୁ ଲୋକେ କାବୁ କରିବା ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ମଙ୍ଗଳବାର ସାରଜାକୁ ଗିରଫ କରାଯାଇଛି। ତେବେ ୨୦୧୮ ମସିହାରେ ସାରଜାଙ୍କ ବାପାଙ୍କୁ ହତ୍ୟା କରାଯାଇଥିଲା। ଏହି ହତ୍ୟାର ପ୍ରତିଶୋଧ ନେବା ପାଇଁ ସେ ସାଙ୍ଗମାନଙ୍କ ସହ ମିଶି ଏହି ବୋମାମାଡ଼ କରିଥିବା ସଦର ଏସ୍‌ଡିପିଓ କହିଛନ୍ତି। ତେବେ ଅଭିଯୁକ୍ତଙ୍କଠାରୁ ଗୋଟିଏ ବାଇକ୍, ଦୁଇଟି ବୋମା ଜବତ କରାଯାଇଛି। ଅନ୍ୟ ଦୁଇ ଅଭିଯୁକ୍ତଙ୍କୁ ଚିହ୍ନଟ କରାଯାଇଛି, ସେମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି କହିଛନ୍ତି ଆଇଆଇସି ଶ୍ରୀ ସାମନ୍ତରାୟ।

## ଜଳୁଛି ଜଙ୍ଗଲ, ବଢୁଛି ତାପମାତ୍ରା

# ବିପଦରେ ବନ୍ୟଜନ୍ତୁ ଓ ବୃକ୍ଷଲତା

ନୟାଗଡ଼, ୨୩।୪(ସମିସ): ନୟାଗଡ଼ ବନଖଣ୍ଡ ଅନ୍ତର୍ଗତ ବିଭିନ୍ନ ବନାଞ୍ଚଳରେ ଗତ ଏକ ସପ୍ତାହ ମଧ୍ୟରେ ଅଗ୍ନିକାଣ୍ଡ ଘଟି ଜଙ୍ଗଲ ଛାରଖାର ହେଉଛି। ବନକର୍ମଚାରୀମାନେ ବହୁ ପରିଶ୍ରମ କରି ମଧ୍ୟ ନିଆଁକୁ ଆୟତ କରି ପାରୁନାହାନ୍ତି। ନୟାଗଡ଼ ବନଖଣ୍ଡ ଅନ୍ତର୍ଗତ ନୟାଗଡ଼, ଖଣ୍ଡପଡ଼ା, ଗଣିଆ, ଦଶପଲ୍ଲା, ମହିପୁର, ପଞ୍ଚରିଡା ଓ ଓଡଗାଁ ବନାଞ୍ଚଳରେ ଅନେକ ସ୍ଥାନରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଗତକାଲିଠାରୁ ନୟାଗଡ଼ ବନାଞ୍ଚଳ ଅନ୍ତର୍ଗତ ଖେଡପଡ଼ା ସେକ୍ସନ ପାଣିପୋଇଲା ମୁଣ୍ଡିଆ ଏବଂ କଣ୍ଟାବଣିଆ ମୁଣ୍ଡିଆରେ ନିଆଁ ଲାଗିଛି। ରାତିସାରା ଦୁଇ ପାହାଡ ହୁ ହୁ ହୋଇ ଜଳୁଥିବା ବେଳେ ନିଆଁକୁ ଆଜି ଅପରାହ୍ନ ପର୍ଯ୍ୟନ୍ତ ଆୟତ କରାଯାଇପାରିନାହିଁ। ସେହିଭଳି ଭାବେ ଅନ୍ୟସ୍ଥାନରେ ମଧ୍ୟ ଭୟାବହ ଅଗ୍ନିକାଣ୍ଡ ଘଟୁଛି। ଏହା ଦ୍ୱାରା ଜଙ୍ଗଲ ମଧ୍ୟରେ ରହୁଥିବା ବନ୍ୟଜନ୍ତୁ ପାଇଁ ବିପଦ ସୃଷ୍ଟି ହୋଇଛି। ଅଗ୍ନିକାଣ୍ଡ ଦ୍ୱାରା ଛୋଟ ଛୋଟ କୀଟପତଙ୍ଗଙ୍କ ମୃତ୍ୟୁ ଘଟୁଥିବା ବେଳେ ବନ୍ୟପ୍ରାଣୀମାନେ ଅସହ୍ୟ ତାପମାତ୍ରା ସହ୍ୟ କରନପାରି ଏଣେ ତେଣେ ଚାଲି ଯାଉଛନ୍ତି। ଏହାର ସୁଯୋଗ ନେଇ ଶୀକାରିମାନେ ଶୀକାର ମଧ୍ୟ କରୁଛନ୍ତି। ବନାଗ୍ନି ଦ୍ୱାରା ଛୋଟ ଛୋଟ ବୃକ୍ଷଲତା ସବୁ ଜଳି ପୋଡି ନଷ୍ଟ ହେଉଯାଉଥିବା ବେଳେ ପରିବେଶ ମଧ୍ୟ ପ୍ରଦୂଷିତ ହେଉଛି। ନୟାଗଡ଼ରେ ବନାଗ୍ନି କାରଣରୁ ତାପମାତ୍ର ବୃଦ୍ଧି ପାଉଥିବା ଅନେକ ପରିବେଶବିତ୍ ମତ ଦେଉଛନ୍ତି। ଦୁଇ ବର୍ଷ ତଳେ ଏହି ଭଳି ଭାବେ ଜଙ୍ଗଲ ଗୁଡିକରେ ଏକ ସମୟରେ ଅଗ୍ନିକାଣ୍ଡ ଦ୍ୱାରା ନିଆଁକୁ ଆୟତ କରାଯାଇପାରିନଥିଲା। ଯାହାକୁ ନେଇ ତତ୍କାଳୀନ ଡିଏଫ୍‌ଓ ଜନସାଧାରଣ ଓ ସ୍ୱେଚ୍ଛାସେବୀଙ୍କ ସହଯୋଗ ନେଇଥିଲେ। ଜଙ୍ଗଲ ନିକଟସ୍ଥ ଗ୍ରାମ ଗୁଡିକୁ ସଚେତନ କରାଯାଇ ନିଆଁକୁ ଆୟତ କରିବା ପାଇଁ ସହଯୋଗ ମଗାଯାଇଥିଲା। ନୟାଗଡ଼ ବନଖଣ୍ଡରେ ସଚେତନତା କେବଳ କାଗଜ କଲମରେ ସିମିତ ଥିବା ବେଳେ ନିଆଁକୁ ଆୟତ କରିବାକୁ ବ୍ୟାପକ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି। ଖୋର୍ଦ୍ଧା ବନଖଣ୍ଡ ତଥା ନୟାଗଡ଼ ଜିଲ୍ଲା ରଣପୁର ବନାଞ୍ଚଳରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ବନ କର୍ମଚାରୀ ନିଆଁ ଆୟତ କରି ପାରୁ ନଥିବା ବେଳେ ରଣପୁରବାସୀ ଭୟାନକ ସ୍ଥିତିରେ ରହିଛନ୍ତି।



## ନିଆଁ ଲିଭାଇବାକୁ ଯାଇ ଫରେଷ୍ଟ ଗାର୍ଡ ଗୁରୁତର

ଓଡଗାଁ, ୨୩।୪(ସମିସ): ଜଙ୍ଗଲ ନିଆଁ ଲିଭାଇବାକୁ ଯାଇ ନିଜେ ଜଳି ଗଲେ। ଏଭଳି ଘଟଣା ଓଡଗାଁ ବନାଞ୍ଚଳ ଅଧିନସ୍ଥ ବାହାଡାଝୋଲା ସେକ୍ସନ୍ ନାରିଆମ୍ବା ପାହାଡରେ ଘଟିଛି। ସୂଚନାଥାଉକି, ନାରିଆମ୍ବା ପାହାଡରେ ନିଆଁ ଲାଗିଥିବା ଖବରପାଇ ବନ କର୍ମଚାରୀମାନେ ନିଆଁ ଲିଭାଇବାକୁ ଯାଇଥିଲେ। ବାହାଡାଝୋଲା ଫରେଷ୍ଟ ଗାର୍ଡ ବିଶ୍ୱଜିତ୍ ସାମନ୍ତରାୟ ହାତରେ ପେଟ୍ରୋଲ ନେଇ ପାହାଡ ଉପରକୁ ଚଢୁଥିଲେ। ନିଆଁ ପାଖାପାଖି ହେବା ପରେ ଝାଞ୍ଜି ପବନ ଜୋରରେ ମାରିବାରୁ ନିଆଁ ଝାସ ଆସି ପେଟ୍ରୋଲରେ ଲାଗିଲା। ସଙ୍ଗେ ସଙ୍ଗେ ପେଟ୍ରୋଲ ଜଳି ଯିବାରୁ ହାତରେ ଧରିଥିବା ପେଟ୍ରୋଲ ଜଳି ବିଶ୍ୱଜିତଙ୍କର ଡାହାଣ ହାତ ଓ ଦେହ ଜଳି ଯାଇଛି। ତାଙ୍କୁ ସଙ୍ଗେ ସଙ୍ଗେ ଓଡଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ନୟାଗଡ଼ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଏପଟେ ନିଆଁ ଲିଭାଇବାକୁ ଯାଉଥିବା କର୍ମଚାରୀଙ୍କୁ କୌଣସି ପ୍ରକାର ସାମଗ୍ରୀ ଦିଆଯାଉନଥିବାରୁ ଏଭଳି ଘଟଣା ଘଟୁଥିବା ପରିବେଶବିତ୍ କହିଛନ୍ତି। ଗ୍ଲୋଭ୍ସ, ଜୋତା, ଚଷମା, ହେଲମେଟ ଆଦି ଦେବାର ବ୍ୟବସ୍ଥା ଥିଲେ ମଧ୍ୟ ସେମାନଙ୍କୁ ଦିଆଯାଇନାହିଁ। ଫଳରେ କର୍ମଚାରୀମାନେ ବିପଦପୂର୍ଣ୍ଣ ଅବସ୍ଥାରେ ଲିଭାଇବାକୁ ଯାଉଛନ୍ତି। ବାହାଡାଝୋଲା ସେକ୍ସନରେ ପ୍ରତିଦିନ ହେକ୍ଟର ହେକ୍ଟର ଜଙ୍ଗଲ ଜଳୁଥିବାରୁ



ନିଆଁ ଆୟତ୍ତକୁ ଆଣିବା ବନ କର୍ମଚାରୀଙ୍କ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ତେବେ ବନ କର୍ମଚାରୀଙ୍କୁ ସମସ୍ତ ସାମଗ୍ରୀ ଯୋଗାଇଲେ ନିଆଁ ଲିଭାଇବା ସମ୍ଭବ ହେବା ସହିତ ବିପଦ ମୁକ୍ତ ହୋଇପାରିବେ ବୋଲି ଆଲୋଚନା ହେଉଛି। ଏହି ଘଟଣାରେ ଓଡଗାଁ ବନାଞ୍ଚଳ ଅଧିକାରୀ ନିଖିଳେଶ ମଲ୍ଲିକ ଗତକାଲି ନିଆଁ ଲିଭା ସମୟରେ ଏଭଳି ଅଘଟଣ ଘଟିଥିବା କହିଛନ୍ତି। ତାଙ୍କୁ ଚିକିତ୍ସା ପାଇଁ ନୟାଗଡ଼ ପଠାଯାଇଛି ଏବଂ ଆବଶ୍ୟକ ପଡ଼ିଲେ କଟକ ପଠାଯିବ ବୋଲି କହିଛନ୍ତି। କ୍ଷତିପୂରଣ ବାବାଦକୁ କୌଣସି ବ୍ୟବସ୍ଥା ନଥିବା କହିଥିଲେ।

## ରାମ, ଲକ୍ଷ୍ମଣ ଓ ସୀତାଙ୍କ ବନବାସ ବେଶ

ଓଡ଼ଗାଁ, ୨୩।୪(ସମିସ): ଓଡଗାଁ ଶ୍ରୀ ରଘୁନାଥ ଜୀଉଙ୍କ ଶ୍ରୀରାମ ନବମୀ ଯାତ୍ରା ନବ ଦିନ ସନ୍ଧ୍ୟା ବେଶର ଷଷ୍ଠ ସନ୍ଧ୍ୟାରେ ପ୍ରଭୁଙ୍କ ବନବାସ ବେଶ ଦୃଶ୍ୟ ଭକ୍ତମାନଙ୍କ ମଧ୍ୟରେ ନୈରାଶ୍ୟ ସୃଷ୍ଟି କରିଥିଲା। ରାତି ପାହିଲେ ରାମଙ୍କ ରାଜ୍ୟାଭିଷେକ ହେବ ବୋଲି ଖବର ପାଇ ଅଯୋଧ୍ୟାର ନଗ୍ରବାସୀ ଆହରହା ହୋଇ ସାଜସଜ୍ଜାରେ ଲାଗି ପଡ଼ିଥିଲେ। ହେଲେ ରାତି ପାହିବା ପୂର୍ବରୁ ରାମ, ଲକ୍ଷ୍ମଣ ଓ ସୀତାଙ୍କ ବନବାସ ଖବର ପାଇ ଅଯୋଧ୍ୟାର ନରନାରୀ ବାସୀ ମ୍ରିୟମାଣ ହୋଇପଡ଼ିଥିଲେ। ଠିକ୍ ସେହିପରି ଆଜି ଓଡ଼ଗାଁ ଅଯୋଧ୍ୟାର ଭ୍ରମ ସୃଷ୍ଟି କରିଥିଲା। ଓଡ଼ଗାଁରେ ପୂଜିତ ଦାରୁ ନିର୍ମିତ ରାମ, ଲକ୍ଷ୍ମଣ ବିଗ୍ରହଙ୍କ ଜଟାଜୁଟ ଓ ନିଶ ଦାଢ଼ି ଥିବାରୁ ମୂଳତଃ ପ୍ରଭୁଙ୍କର ବନବାସ କାଳର ପ୍ରତିମା ଭାବେ ଏଠାରେ ପୂଜା ପାଇଥାନ୍ତି। ଆସନ୍ତାକାଲି ବୁଧବାର ଦିନ ସନ୍ଧ୍ୟାରେ ପ୍ରଭୁଙ୍କର ଚିତ୍ରକୁଟ ବେଶ ଅନୁଷ୍ଠିତ ହେବ।



● ଦଶପଲ୍ଲା ଲଙ୍କାପୋଡ଼ି ଯାତ୍ରା ୬ଷ୍ଠ ସନ୍ଧ୍ୟା

## ବିରାୟୁଧ ବଧ ଓ ବେଢ଼ା ପରିକ୍ରମା

ଦଶପଲ୍ଲା, ୨୩।୪ (ସମିସ): ଆଜି ଅଧ୍ୟାୟ ଅନୁଯାୟୀ ଚିତ୍ରକୁଟ ଅରଣ୍ୟରେ ବନବାସ ସମୟରେ ଶ୍ରୀରାମ, ଲକ୍ଷ୍ମଣ ଓ ସୀତାଙ୍କ ବନଭ୍ରମଣ ବୃତ୍ତାନ୍ତକୁ କଥୋପକଥନ ମାଧ୍ୟମରେ ବିକ୍ରମ ନରେନ୍ଦ୍ର ଯେଉଁଭଳି ବର୍ଣ୍ଣନା କହିଛନ୍ତି ସେହିଭଳି ମଞ୍ଚ ଅଭିନୟ ଥିଲା ଜୀବନ୍ତ। ତେବେ ଏହି ବନଭ୍ରମଣ ସମୟରେ ଅଘଟଣ କ୍ରମରେ ମାୟାବୀ ରାକ୍ଷସ ବିରାୟୁଧ ମାୟା ରଚନା କରି ଶ୍ରୀରାମ ଓ ଲକ୍ଷ୍ମଣଙ୍କୁ ମୋହଗ୍ରସ୍ତ କରାଇ କାନ୍ଧରେ ବସାଇ ଅପହରଣ ଉଦ୍ୟମ କରେ। ତେବେ ସୀତାଙ୍କ ଆକୁଳ କ୍ରନ୍ଦନରେ ୨ ଭାଇ ପ୍ରକୃତିସ୍ଥ ହୁଅନ୍ତି। ପ୍ରବଳ ପରାକ୍ରମୀ ବିରାୟୁଧକୁ ଯୁଦ୍ଧ ପରେ ଦୁଇଭାଇ ବଧ କରନ୍ତି। ପରେ ଚିତ୍ରକୁଟ ବନବାସ ଅବଧି ମଧ୍ୟରେ ଶ୍ରୀରାମ ଲକ୍ଷ୍ମଣ ଓ ସୀତା ଆସନ୍ତି ନୀଳାଚଳ ଧାମ ଶ୍ରୀକ୍ଷେତ୍ର ପୁରୀଶ୍ରୀମନ୍ଦିର ବେଢ଼ାରେ କଳ୍ପବଟ ସମେତ ପାର୍ଶ୍ୱ ଦେବଦେବୀଙ୍କୁ ଦର୍ଶନ କରି ବିମୋହିତ ହୁଅନ୍ତି। ପରିଶେଷରେ ରତ୍ନ ସିଂହାସନରେ ବିଜେ ଶ୍ରୀଜଗନ୍ନାଥ ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ସମ୍ମୁଖରେ ଦଣ୍ଡାୟମାନ ହୁଅନ୍ତି।



● ଗଣିଆ ଲଙ୍କାପୋଡି ଯାତ୍ରା

## ଶ୍ରୀରାମ ବିଳାପ, ସୁଗ୍ରିବ ଭେଟ, ବାଳୀ ବଧ

ଗଣିଆ, ୨୩।୪(ସମିସ):ଗଣିଆ ଲଙ୍କାପୋଡି ଯାତ୍ରାର ମଙ୍ଗଳବାର ସପ୍ତମ ଦିବସରେ ଶ୍ରୀରାମ ବିଳାପ ଓ ସୁଗ୍ରୀବ ଭେଟ ଶୀର୍ଷକ ନାଟକ ଶ୍ରୀ ରଘୁନାଥ ଜୀଉ ମନ୍ଦିର ପ୍ରାଙ୍ଗଣରେ ପରିବେଷିତ ହୋଇଯାଇଛି। ଗଣିଆ ରମଦୟା ପରିଷଦର କଳାକାରମାନଙ୍କ ବିଭିନ୍ନ ଚରିତ୍ରର ଅଭିନୟକୁ ରାମପ୍ରେମୀ ଦର୍ଶକମାନେ ଉପଭୋଗ କରିଥିଲେ। ମାତା ସୀତାଙ୍କୁ କୁଟୀରରେ ଓ ପଞ୍ଚବଟୀରେ ଖୋଜି ନପାଇ ପ୍ରଭୁ ଶ୍ରୀରାମ ଅତ୍ୟନ୍ତ ମର୍ମାହତ ହୋଇପଡ଼ିଛନ୍ତି। ରାମଲକ୍ଷ୍ମଣ ସୀତାଙ୍କୁ ଖୋଜି ବୁଲୁଥିବା ବେଳେ ବାଟରେ ଆହତ ଜଟାୟୁଙ୍କଠାରୁ ସୀତାଚୋରୀ ଖବର ପାଆନ୍ତି। ପରେ ରାମ ଲକ୍ଷ୍ମଣ କିଷ୍କିନ୍ଧ୍ୟା ରାଜ୍ୟରେ ପହଞ୍ଚି ଥିଲେ। ସେଠାରେ ବାନର ରାଜା ବାଳୀଙ୍କ ପରାଭବରେ ସାନଭାଇ ସୁଗ୍ରୀବ ଋଷ୍ୟମୁକ ପର୍ବତରେ ଲୁଚି ରହିଥାନ୍ତି। କପିରାଜ ସୁଗ୍ରୀବଙ୍କ ସହିତ ତାଙ୍କର ଅଷ୍ଟ ସେନା ଜାମ୍ବବାନ, ହନୁମାନ, ଅଙ୍ଗଦ, ନଳ, ନୀଳ, ଗବୟ ଓ ଗବାକ୍ଷଆଦି ରୁଷ୍ୟମୁକ ପର୍ବତରେ ଲୁଚି ରହିଥାନ୍ତି। ପର୍ବତ ଶିଖରରୁ ସୁଗ୍ରୀବ ରାମଲକ୍ଷ୍ମଣଙ୍କୁ ଦେଖି ବାଳିର ଗୁପ୍ତଚର ଭାବି ହନୁମାନଙ୍କୁ ଛଦ୍ମ ବେଶରେ ପଠାଇଥାନ୍ତି। ଶ୍ରୀରାମ ଓ ହନୁମାନଙ୍କ ମିଳନ ପରେ ରାମ ଓ ଲକ୍ଷ୍ମଣ ଦୁଇଭାଇଙ୍କୁ କାନ୍ଧରେ ବସାଇ ନେଇ ଆସନ୍ତି। ଏହାପରେ ସୁଗ୍ରୀବଙ୍କ ସହିତ ଶ୍ରୀରାମଙ୍କର ମିତ୍ରତା ସ୍ଥାପନା ହୋଇଥିଲା। ସୀତା ଅପହରଣ ସମୟରେ ବାନରମାନେ ପାଇଥିବା ଅଳଙ୍କାରମାନ ଶ୍ରୀରାମଙ୍କୁ ପ୍ରଦାନ କରନ୍ତି। ପ୍ରବଳ ପରାକ୍ରମୀ ବାଳୀକୁ ବଦ୍ଧ କରିଥିଲେ। ପରେ କିଷ୍କିନ୍ଧ୍ୟାରେ ସୁଗ୍ରୀବଙ୍କ ରାଜ୍ୟାଭିଷେକ କରାଇବା ସହିତ ବାଳୀପତ୍ନୀ ତାରାଙ୍କୁ ପାଟରାଣୀ ଓ ଅଙ୍ଗଦଙ୍କୁ ଯୁବରାଜ ପଦରେ ଅଭିଶିକ୍ତ କରାନ୍ତି ପ୍ରଭୁ ଶ୍ରୀରାମ। ଏହି ସମୟରେ ବର୍ଷାଋତୁ ଆଗମନ ଯୋଗୁଁ ଶ୍ରୀରାମ ଲକ୍ଷଣ ଋଷ୍ୟମୁକ ପର୍ବତରେ ଅବସ୍ଥାନ କରନ୍ତି। ରାମଲୀଳା ପରିଷଦ କଳାକାରମାନଙ୍କ ଦ୍ୱାରା ପରିବେଷିତ ଏହି ନାଟକ ଦର୍ଶକ ମହଲରେ ବେଶ ଆଦୃତ ହୋଇପାରିଥିଲା।



## ମହିଳାକୁ ଅସଦାଚରଣ, ଯୁବକ ଗିରଫ

ଓଡ଼ଗାଁ, ୨୩।୪(ସମିସ): ଓଡ଼ଗାଁ ଥାନା ଅନ୍ତର୍ଗତ ଜଣେ ବିବାହିତ ମହିଳାକୁ ଅସଦାଚରଣ କରିଥିବା ଅଭିଯୋଗ ନେଇ ଜଣେ ଯୁବକଙ୍କୁ ଓଡ଼ଗାଁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଯୁବକ ରଙ୍ଗଣୀପାଟଣା ଗ୍ରାମ ବାଗଦେବୀ ସାହିର ଆକାଶ ଓରଫ ପାର୍ଥସାରଥୀ ସାହୁ। ଗତ ଏପ୍ରିଲ ମାସ ୧ ତାରିଖ ଅପରାହ୍ନ ୩ ଘଟିକା ସମୟରେ ମହିଳା ଜଣଙ୍କ ଘରେ ଏକୁଟିଆ ଥିବା ସମୟରେ ଆକାଶ ଜୋର ଜବରଦସ୍ତ ଘରେ ମଧ୍ୟକୁ ପଶି ମହିଳାଙ୍କୁ ବଳପୂର୍ବକ ଅସଦାଚରଣ କରିଥିଲା। ନିରୁପାୟ ହୋଇ ମହିଳା ଜଣଙ୍କ ଜୋରରେ ଚିଲାଇବାରୁ ପାଖ ପଡ଼ିଶା ଲୋକେ ଜାଣିଯିବା ପରେ ଅଭିଯୁକ୍ତ ଜଣକ ବାରିପଟ ଦେଇ ଚମ୍ପଟ ମାରିଥିଲା। ଏନେଇ ମହିଳା ଜଣଙ୍କ ଓଡ଼ଗାଁ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାର କରି ଓଡ଼ଗାଁ ପୁଲିସ ମାମଲା ରୁଜୁ କରି ଘଟଣା ସମ୍ପର୍କରେ ଅନୁସନ୍ଧାନ ଚଳାଇଥିଲେ। ଯୁବକ ଜଣକ ବୁଲୁଥିବା ସମୟରେ ଓଡ଼ଗାଁ ପୁଲିସ ତାକୁ କାବୁକରିବା ସହିତ ମଙ୍ଗଳବାର କୋର୍ଟ ଚାଲାଣ କରିଥିଲେ।

● 'ସକାଳ' ପ୍ରତିନିଧିଙ୍କ ବନ୍ଧୁମିଳନ

## ରାଜୀବଙ୍କ ବିୟୋଗରେ ନିରବ ପ୍ରାର୍ଥନା



ନୟାଗଡ଼, ୨୩।୪(ସମିସ): ନୟାଗଡ଼ ଜିଲ୍ଲା ସକାଳ ପ୍ରତିନିଧିଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମ ଖଣ୍ଡପଡ଼ା ବାହାଡାଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପ୍ରତିନିଧି ଅନୀଲ କୁମାର ପଣ୍ଡାଙ୍କ ଆବାହକତ୍ୱରେ ଅନୁଷ୍ଠି ବନ୍ଧୁମିଳନ କାର୍ଯ୍ୟକ୍ରମରେ ଖବରକାଗଜ ସମ୍ବନ୍ଧୀୟ ଅନେକ ଆଲୋଚନା ହୋଇଥିଲା। ଏହା ସହିତ କଣ୍ଟିଲୋରେ କାର୍ଯ୍ୟରତ ସକାଳ ପ୍ରତିନିଧି ରାଜୀବ କୁମାର ମିଶ୍ରଙ୍କ ବିୟୋଗ ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା। ଭାପୁର ପ୍ରତିନିଧି ଶୁଭେନ୍ଦ୍ର କୁମାର ପଟ୍ଟନାୟକ ରାଜୀବଙ୍କ କଷ୍ଟଦାୟକ ଜୀବନ ଉପରେ ଆଲୋଚନା କରିବା ସହ ଭଗବାନ ତାଙ୍କ ପରିବାରକୁ ଧୈର୍ଯ୍ୟ ପ୍ରଦାନ କରିବା ପାଇଁ କାମନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ପ୍ରସାର ବିଭାଗ ସହ ପରିଚାଳକ ସୁଧାଂଶୁ ସାହୁ ଯୋଗ ଦେଇଥିବା ବେଳେ ଦଶପଲ୍ଲା ପ୍ରତିନିଧି ସୁଶାନ୍ତ କୁମାର ସାହୁ, ଗଣିଆ ପ୍ରତିନିଧି କମଳ ଦଳେଇ, ଖଣ୍ଡପଡ଼ା ପ୍ରତିନିଧି ଜନ୍ମେଜୟ ଦଳେଇ, ରଣପୁର ପ୍ରତିନିଧି ନିରଞ୍ଜନ ମହାପାତ୍ର, ନୂଆଗାଁ ପ୍ରତିନିଧି ସଞ୍ଜୟ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ନୟାଗଡ଼ ପୁଲିସ ପକ୍ଷରୁ ଫ୍ଲାଗମାର୍ଚ୍ଚ

ନୟାଗଡ଼, ୨୩।୪(ସମିସ): ନୟାଗଡ଼ ଟାଉନଥାନା ପୁଲିସ ପକ୍ଷରୁ ନୟାଗଡ଼ ସହରରେ ଫ୍ଲାଗମାର୍ଚ୍ଚ କରାଯାଇଛି। ନିର୍ବାଚନ ସମୟରେ ଆଇନଶୃଙ୍ଖଳାକୁ ଆଖି ଆଗରେ ରଖି ଫ୍ଲାଗ ମାର୍ଚ୍ଚ କରାଯାଇଛି। ନୟାଗଡ଼ ଏସ୍‌ପି ରାହୁଲ ଜୈନଙ୍କ ନିର୍ଦ୍ଦେଶରେ ଟାଉନଥାନା ଅଧିକାରୀ ରଶ୍ମି ରଞ୍ଜନ ମହାପାତ୍ରଙ୍କ ନେତୃତ୍ୱରେ ଦୁର୍ଗାପ୍ରସାଦଠାରୁ ଫ୍ଲାଗ ମାର୍ଚ୍ଚ ଆରମ୍ଭ ହୋଇଥିଲା। ଟାଉନଥାନାର ସମସ୍ତ ପୁଲିସ ଅଧିକାରୀଙ୍କ ସହ ବ୍ୟାପକ ଫୋର୍ସ ଫ୍ଲାଗ ମାର୍ଚ୍ଚରେ ସାମିଲ ହୋଇଥିଲେ।



## ବିଜେଡି ପକ୍ଷରୁ ବୁଥ କମିଟି ବୈଠକ

ଖଣ୍ଡପଡ଼ା, ୨୩।୪(ସମିସ): ଖଣ୍ଡପଡ଼ା ନିର୍ବାଚନ ମଣ୍ଡଳୀରେ ଆଗାମୀ ସାଧାରଣ ନିର୍ବାଚନରେ କିଭଳି ବିଜୁ ଜନତା ଦଳକୁ ପୂର୍ଣ୍ଣ ସହଯୋଗ ମିଳିବ ସେ ନେଇ ପୂର୍ବତନ ବିଧାୟକ ଅନୁଭବ ପଟ୍ଟନାୟକଙ୍କ ନେତୃତ୍ୱରେ ଖଣ୍ଡପଡ଼ା ବିଜେଡ଼ି ପକ୍ଷରୁ ପୂର୍ବରୁ ଗୃହ ଟ୍ୟାଗିଂ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା କର୍ମୀଙ୍କୁ ନେଇ କୁମ୍ଭାରପଡ଼ା ଓ ମର୍ଦ୍ଦରାଜପୁର ପଞ୍ଚାୟତରେ ବୁଥ କମିଟି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନବୀନ ପଟ୍ଟନାୟକଙ୍କୁ ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ ଭାବେ ନିର୍ବାଚିତ କରିବା ସହିତ ଉଭୟେ ସ୍ଥାନୀୟ ବିଧାୟକ ପ୍ରାର୍ଥୀ ଏବଂ ଲୋକସଭା ପ୍ରାର୍ଥୀଙ୍କୁ ବିପୁଳ ପରିମାଣରେ ଭୋଟ ଦେଇ ବିଜୟୀ କରିବାକୁ ବୈଠକରେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ପୂର୍ବତନ ବ୍ଲକ ବିଜେଡ଼ି ସଭାପତି ଚନ୍ଦ୍ରକାନ୍ତ ବଳିଆର ସିଂହ, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ରମାକାନ୍ତ ସେଠୀ ପ୍ରମୁଖ ଉପସ୍ଥିତ ରହି ପ୍ରତ୍ୟେକ ବୁଥରେ ଶାନ୍ତିଶୃଙ୍ଖଳା ସହିତ ବିଜେଡ଼ି ଭୋଟକୁ ବଢ଼ାଇବା ପାଇଁ ବୁଥ କମିଟି ସଦସ୍ୟଙ୍କୁ ପରାମର୍ଶ ଦେଇଥିଲେ। ଉକ୍ତ ବୈଠକରେ ଉଭୟ ପଞ୍ଚାୟତରୁ ୫୦ରୁ ଉର୍ଦ୍ଧ୍ୱ ଛାମୁଆ କର୍ମୀ ଯୋଗ ଦେଇଥିଲେ।

### ଅରୂପ ଓ ସତ୍ୟନାରାୟଣ ରୋଡ ସୋ

## ଯୋଡ଼ି ଶଙ୍ଖରେ ଭୋଟ ଦେବାକୁ ଆହ୍ୱାନ



ନୟାଗଡ଼/ରଣପୁର, ୨୩।୪(ସମିସ): ନୟାଗଡ଼ ଜିଲ୍ଲା ରଣପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ମଙ୍ଗଳବାର ପୁରୀ ବିଜେଡି ସାଂସଦ ପ୍ରାର୍ଥୀ ଅରୂପ ପଟ୍ଟନାୟକ ଓ ବିଧାୟକ ସତ୍ୟନାରାୟଣ ପ୍ରଧାନ ରୋଡ ସୋ କରିଛନ୍ତି। ରଣପୁର ବ୍ଲକ ଅନ୍ତର୍ଗତ ଚମ୍ପାଗଡ଼, କନ୍ଧ ନୟାଗଡ଼, ଚାନ୍ଦପୁର, କେରେଣ୍ଡାଟାଙ୍ଗି, ଜଙ୍କିଆ, ମୟୁରଝାଳିଆ, ଝାଡପଡ଼ା, ଚମ୍ପାପେଡ଼ି, ଗୋପାଳପୁର, ମହତପଲ୍ଲା, ମଝିଆଖଣ୍ଡ ଗ୍ରାମରେ ରୋଡ ସୋ ଅନୁଷ୍ଠିତ ହୋଇଛି। ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ଯୋଡି ଶଙ୍ଖରେ ମତଦାନ କରିବା ପାଇଁ ଆହ୍ୱାନ ଦେଇଥିବା ସାଂସଦ ପ୍ରାର୍ଥୀ ଶ୍ରୀ ପଟ୍ଟନାୟକ କହିଛନ୍ତି। ସେବାକୁ ଜୀବନର ମନ୍ତ୍ର କରି ସେ କାର୍ଯ୍ୟକରି ଆସୁଥିବା ବେଳେ ଆଗାମୀ ଦିନରେ ଜନ୍ମମାଟିର ସେବା କରିବାକୁ ସୁଯୋଗ ମିଳିଛି ବୋଲି କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ପାଇଁ ରଣପୁର ନିର୍ବାଚନ ମଣ୍ଡଳୀର ବିକାଶ ତ୍ୱରାନ୍ୱିତ ହେଉଥିବା ବିଧାୟକ ପ୍ରାର୍ଥୀ ଶ୍ରୀ ପ୍ରଧାନ କହିବା ସହ ମହିଳା ସଶକ୍ତିକରଣ ଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀଙ୍କ ଅନେକ ଜନହିତକର ଯୋଜନା ଦ୍ୱାରା ଓଡ଼ିଶାବାସୀ ଉପକୃତ ହୋଇପାରୁଥିବା କହିଛନ୍ତ। କାର୍ଯ୍ୟକ୍ରମରେ ରଣପୁର ବ୍ଲକ ଓ ଏନ୍‌ଏସିର ବହୁ ନେତା ଓ କର୍ମୀ ସାମିଲ ହୋଇଥିଲେ।



**ରାସ୍ତ ଉପରେ ମେଟାଲ ଓ ବାଲି ଜମା**

## ଦୁର୍ଘଟଣାରେ ୨ ବାଇକ୍ ଚାଳକ ଗୁରୁତର

ଓଡ଼ଗାଁ, ୨୩।୪(ସମିସ): ଓଡ଼ଗାଁ ଥାନା ଅନ୍ତର୍ଗତ ନୟାଗଡ଼-ଓଡଗାଁ ୨୧ ନମ୍ବର ରାଜ୍ୟ ରାଜପଥର ଓଡ଼ଗାଁ ଏନ୍‌ଏସି ଅନ୍ତର୍ଗତ କଦଳୀ ବନ୍ଧ ସତସଂଗ ବିହାର ସାମ୍ନା ଏବଂ କିଛି ସମୟପରେ ସତସଂଗ ବିହାର ଓ ଦମକଳ କେନ୍ଦ୍ର ମଧ୍ୟ ସ୍ଥାନରେ ଅନ୍ୟ ଏକ ବାଇକ୍ ଦୁର୍ଘଟଣାରେ ସୋମବାର ବିଳମ୍ବିତ ରାତିରେ ୨ ବାଇକ୍ ଦୁର୍ଘଟଣାରେ ୨ ଚାଳକ ଗୁରୁତର ହୋଇପଡ଼ିଥିଲେ। ଓଡ଼ଗାଁ ଅଗ୍ନିଶମ ବାହିନୀ ଆହତଙ୍କୁ ଓଡ଼ଗାଁ ଡାକ୍ତରଖାନାକୁ ଅଣିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ନୟାଗଡ଼ ସ୍ଥାନାନ୍ତର କରାଯାଇଥିଲା। ଚାଳକ ଯୁବକମାନେ ପେଟାପଲ୍ଲୀ ନିକଟ ମହୁଲିଆ ଗାଁର କୃପାସିନ୍ଧୁ ନାହାକ ଏବଂ ଅନ୍ୟଜଣେ ରଗଡ଼ି ସାହିର ଆନନ୍ଦ ବାରିକ ବୋଲି ଜଣାପଡ଼ିଛି। ସୂଚନା ଥାଉକି ଓଡ଼ଗାଁରେ ପ୍ରସିଦ୍ଧ ଶ୍ରୀରାମ ନବମୀ ଯାତ୍ରା ଚାଲିଥିବା ବେଳେ ହଜାର ହଜାର ସଂଖ୍ୟାରେ ଭକ୍ତଙ୍କ ଯାତାୟତ ଲାଗିରହିଛି। ଏପରିସ୍ଥଳେ ରାସ୍ତାକାର୍ଯ୍ୟ ପାଇଁ ଉଭୟ ପାର୍ଶ୍ୱ ଖୋଳାଯାଇଥିବା ବେଳେ ରାସ୍ତା ମଝି ପିଚୁ ସଡ଼କ ଉପରେ ମେଟାଲ ଓ ବାଲି ଇତ୍ୟାଦି ସରଞ୍ଜାମ ଜମା ହୋଇ ରହିଛି। ଅନ୍ୟପକ୍ଷରେ ନିର୍ମାଣ ସରିଥିବା ସ୍ଥାନକୁ ସମ୍ପୂର୍ଣ୍ଣ ଭାବରେ ପରିଷ୍କାର ମଧ୍ୟ କରାଯାଉନାହିଁ। ୫ମ ଦିନ ସନ୍ଧ୍ୟାରେ ସୀତା ବିବାହ ବେଶ ଦର୍ଶନ ନିମନ୍ତେ ଆସିଥିବା ଲୋକମାନେ ଯାତ୍ରା ଦେଖିସାରି ବିଳମ୍ବିତ ରାତିରେ ଫେରୁଥିବା ବେଳେ ଟ୍ରାଫିକ ସମସ୍ୟା ଯୋଗୁଁ ଏଭଳି ଦୁର୍ଘଟଣା ଘଟିଥିବା ଅଭିଯୋଗ ହୋଇଛି। ଏଥିପ୍ରତି ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟିଦେବାର ଆବଶ୍ୟକତା ନେଇ ସାଧାରଣରେ ମତପ୍ରକାଶ ପାଇଛି।



## ପଥର ଖଣି ଓ କ୍ରସରକୁ ବିରୋଧ

ନୟାଗଡ଼, ୨୩।୪(ସମିସ): ନୟାଗଡ଼ ଜିଲ୍ଲା ଶରଣକୁଳ ଥାନା ଅନ୍ତର୍ଗତ ପୁଆଣିଆଠାରେ ଅବସ୍ଥିତ କ୍ରସର ଏବଂ ପଥର ଖଣିକୁ ବିରୋଧ କରିଛନ୍ତି। ଏହି କ୍ରସର ଓ ପଥର ଖଣି ସରକାରଙ୍କଠାରୁ ଅନୁମତି ପାଇଥିବା ବେଳେ ବଡଗୋରଡା ଗ୍ରାମବାସୀଙ୍କ କ୍ଷତି ହେଉଥିବା ଅଭିଯୋଗ ହୋଇଛି। ଗ୍ରାମର ଶତାଧିକ ଲୋକ ଏହାକୁ ବିରୋଧ କରିବାରୁ କ୍ରସର ୟୁନିଟକୁ ବନ୍ଦ କରାଯାଇଛି। ଦୀର୍ଘ ୪ ବର୍ଷ ଧରି ଏଠାରେ ଖଣି ଓ କ୍ରସର ଚାଲୁଥିବା ବେଳେ ବଡଗୋରଡା ଗ୍ରାମବାସୀଙ୍କ ଚାଷ ଜମି ଏବଂ ସମ୍ପତ୍ତି ନଷ୍ଟ ହେଉଛି। ଏହା ସହିତ ଖଣିରେ ବେଆଇନ ବ୍ଲାଷ୍ଟିଂ ଦ୍ୱାରା ଅନେକ ଆହାତ ହେଉଛନ୍ତି। ଯାହାକୁ ନେଇ ବଡଗୋରଡା ଗ୍ରାମବାସୀ ବିରୋଧ କରିଥିବା ସୂଚନା ମିଳିଛି।

**ନୟାଗଡ଼ରେ ବଢୁଛି ବିଜେଡି ଶକ୍ତି**

## ୧୫ରୁ ଉର୍ଦ୍ଧ୍ୱ କର୍ମୀ ଦଳରେ ସାମିଲ

ନୟାଗଡ଼, ୨୩।୪(ସମିସ): ନୟାଗଡ଼ ନିର୍ବାଚନ ମଣ୍ଡଳୀରେ ଦିନକୁ ଦିନ ଶକ୍ତିଶାଳୀ ହେଉଛି ବିଜେଡି। ଫାଙ୍କା ହେବାରେ ଲାଗିଛି ବିରୋଧୀ ଦଳ। ଗତ କିଛି ଦିନ ଧରି ବିରୋଧୀ ଶିବିର ଅନେକ ନେତା ଓ କର୍ମୀ ବିଜେଡିରେ ଯୋଗ ଦେବାରେ ଲାଗିଛନ୍ତି। ବିରୋଧୀ ଶିବିର ଦିନକୁ ଦିନ ଦୁର୍ବଳ ହେବାରେ ଲାଗିଛି। ନିର୍ବାଚନ ଯେତିକି ପାଖେଇ ଆସୁଛି ବିରୋଧୀ ଶିବିରରେ ସେତିକି ନିରାଶ ଦେଖିବାକୁ ମିଳୁଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକାଶମୂଳକ ଚିନ୍ତାଧାରା ଏବଂ ନୟାଗଡ଼ ବିଧାୟକ ଡ଼ ଅରୁଣ କୁମାର ସାହୁଙ୍କ ଶାନ୍ତି, ମୈତ୍ରୀ, ଉନ୍ନତୀ ଓ ସମାଜ ସଂସ୍କାରର ନାରା ନିର୍ବାଚନ ମଣ୍ଡଳୀରେ ବିଜେଡି ସଂଗଠନକୁ ମଜ୍ଜବୁତ କରିଛି। ନୟାଗଡ଼ ବିଜୁ ଜନତା ଦଳ କାର୍ଯ୍ୟାଳୟରେ ଶରଧାପୁର ପଞ୍ଚାୟତ ମେଳାମ୍ବ ଗ୍ରାମର ନରୋତ୍ତମ ରାଉତ, କୃଷ୍ଣଚନ୍ଦ୍ର ଦାସ ଓ ରାଜେନ୍ଦ୍ର କୁମାର ଲେଙ୍କା ବିଜେଡିରେ ଯୋଗ ଦେଇଛନ୍ତି। ସେହିପରି ଭାବେ ବାଲୁଗାଁ ପଞ୍ଚାୟତ କଣ୍ଟାବଣିଆ ଗ୍ରାମର ଅନେକ ବିଜେଡିରେ ଯୋଗ ଦେଇଛନ୍ତି। ବାଲୁଗାଁ ଗ୍ରାମର ସଞ୍ଜୟ କୁମାର ସାହୁ ବିଜେଡିରେ ଯୋଗ ଦେଇଥିବା ବେଳେ ଖେଡପଡ଼ା ଗ୍ରାମର କାର୍ତ୍ତିକ ସାମନ୍ତରାୟ ବିଜେଡିରେ ଯୋଗ ଦେଇଛନ୍ତି। ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ସମସ୍ତଙ୍କୁ ବିଜୁ ଜନତା ଦଳକୁ ସ୍ୱାଗତ କରିଛନ୍ତି। ଏହି ମିଶ୍ରଣ କାର୍ଯ୍ୟକ୍ରମରେ ସ୍ଥାନୀୟ ଜିଲ୍ଲା ପରିଷଦ ସୁବାଷ ଚନ୍ଦ୍ର କଅଁର, ସ୍ଥାନୀୟ ସରପଞ୍ଚ ମନୋଜ କୁମାର ନାୟକ, ନୟାଗ? ଜିଲ୍ଲା ବିଜୁ ଯୁବ ଜନତା ଦଳ ସଭାପତି ଦୁର୍ଯ୍ୟୋଧନ ବେହେରା ଓ ଜିଲ୍ଲା ଛାତ୍ର ବିଜେଡି ସଭାପତି ନିଳମାଧବ ପଣ୍ଡା ପ୍ରମୁଖ ଉପସ୍ଥିତ ରହିଥିଲେ। ବିରୋଧୀ ଦଳର ନେତା ମାନେ ବିଜେଡିରେ ଯୋଗ ଦେବା ପରେ ଆଗାମୀ ଦିନରେ ବିଜେଡିକୁ ଅଧୀକ ଶକ୍ତିଶାଳୀ କରିବା ପାଇଁ ନାରାବାଜି ଦେଇଥିଲେ।



ସାଂସଦ ମାନସଙ୍କ ସହ ମଇଦାନରେ ପୁରୀ ସାଂସଦ ପ୍ରାର୍ଥୀ ଅରୂପ ଓ ବିଧାୟକ ପ୍ରାର୍ଥୀ ରଘୁନାଥ

# ଚିଲିକା: ମା' ଭଗବତୀଙ୍କ ଆଶିଷ ନେଇ ବିଜେଡିର ପ୍ରଚାର

ଖୋର୍ଦ୍ଧା/ବାଲୁଗାଁ, ୨୩।୪(ସମିସ)





ଚଳିତ ୨୦୨୪ ସାଧାରଣ ନିର୍ବାଚନ ନିମନ୍ତେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଚିଲିକା ନିର୍ବାଚନ ମଣ୍ଡଳୀ ବିଧାନସଭା ଲାଗି ବିଜୁ ଜନତା ଦଳର ପ୍ରାର୍ଥୀ ଭାବରେ ରଘୁନାଥ ସାହୁଙ୍କ ନାମ ଘୋଷଣା କରିଛନ୍ତି। ରାଜ୍ୟ ସଭା ସାଂସଦ ମାନସ ରଞ୍ଜନ ମଙ୍ଗରାଜଙ୍କ ତତ୍ତ୍ୱାବଧାନରେ ଚିଲିକା ନିର୍ବାଚନ ମଣ୍ଡଳୀର ସମସ୍ତ ଆଗଧାଡିର ନେତୃବୃନ୍ଦ ଏକତ୍ରିତ ହୋଇ ବିଧାୟକ ପ୍ରାର୍ଥୀ ଶ୍ରୀ ସାହୁ ଓ ପୁରୀ ସାଂସଦ ପ୍ରାର୍ଥୀ ଅରୂପ ପଟ୍ଟନାୟକଙ୍କ ବିପୁଳ ବିଜୟ କରାଇବା ପାଇଁ ପ୍ରଚାର ମଇଦାନକୁ ଓହ୍ଲାଇଛନ୍ତି। ମଙ୍ଗଳବାର ସକାଳେ ଅଧିଷ୍ଠାତ୍ରୀ ଦେବୀ ମା' ଭଗବତୀଙ୍କ ପୀଠରେ ପୂଜାର୍ଚ୍ଚନା କରି ମା'ଙ୍କ ଆଶିଷ ନେଇ ପ୍ରଚାର ମୈଦାନକୁ ଓହ୍ଲାଇଛନ୍ତି ରାଜ୍ୟ ସଭା ସାଂସଦ ମାନସ ରଞ୍ଜନ ମଙ୍ଗରାଜ। ସାଂସଦ ମାନସ ରଞ୍ଜନ ମଙ୍ଗରାଜ ବିଜେଡିର ଚିଲିକା ବିଧାୟକ ପ୍ରାର୍ଥୀ ରଘୁନାଥ ସାହୁ ଓ ପୁରୀ ଲୋକସଭା ସାଂସଦ ପ୍ରାର୍ଥୀ ଅରୂପ ପଟ୍ଟନାୟକଙ୍କ ସହିତ ରାଜ୍ୟସଭା ସାଂସଦ ତଥା ପୁରୀ ଲୋକସଭା ବିଜେଡି ସଂଯୋଜକ ସୁଭାଶିଷ ଖୁଣ୍ଟିଆ, ପୂର୍ବତନ ମନ୍ତ୍ରୀ ଦେବେନ୍ଦ୍ର ନାଥ ମାନସିଂହ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଗୋପୀନାଥ ମହାରଣା, ବାଣପୁର ଏନ୍ଏସି ନଗରପାଳ ମିଟୁ ନାୟକ, ବାଲୁଗାଁ ଏନ୍ଏସି ଅଧ୍ୟକ୍ଷା ସୁକାନ୍ତି ପାଇକରାୟ, ଜିଲ୍ଲା ସାଂସଦ ପ୍ରତିନିଧି ମାନସ ପ୍ରଧାନ, ବିଜେଡି ଜିଲ୍ଲା ସମ୍ପାଦକ ମନୋଜ କୁମାର ପ୍ରଧାନ, ପ୍ରକାଶ କୁମାର ପ୍ରଧାନ ପ୍ରମୁଖଙ୍କ ସମେତ ଚିଲିକା ଓ ବାଣପୁର ବ୍ଲକର ସମସ୍ତ ଜିଲ୍ଲା ପରିଷଦ ସଦସ୍ୟ, ସରପଞ୍ଚ, ସମିତି ସଭ୍ୟ, ୱାର୍ଡ ମେମ୍ବର, ବାଲୁଗାଁ ଓ ବାଣପୁର ଦୁଇ ଏନ୍ଏସିର ସମସ୍ତ କାଉନସିଲର, ବ୍ଲକ ଓ ଏନ୍ଏସିର ବିଜେଡି ପୁରୁଷ ଓ ମହିଳା ସଭାପତି, ନାରୀନେତ୍ରୀ, ଆଗଧାଡିର ସମସ୍ତ ନେତୃବୃନ୍ଦ, ପୁରୁଷ, ମହିଳା, ଯୁବ ଓ ଛାତ୍ର ବିଜେଡିର କର୍ମକର୍ତ୍ତା ଏବଂ ହଜାର ହଜାର ପୁରୁଷ ମହିଳା କର୍ମୀଙ୍କ ଗହଣରେ ବିରାଟ ବାଇକ୍ ଶୋଭାଯାତ୍ରାରେ ବାଲୁଗାଁ ସ୍ଥିତ ଶ୍ରୀ ସାହୁଙ୍କ ବିଜେଡି କାର୍ଯ୍ୟାଳୟରୁ ବାହାରି ବାଣପୁର ବିଷରପାଟଣା ଛକରେ ପହଞ୍ଚି ସେଠାରୁ ପାଟ ପଟୁଆର ସହ ପଦଯାତ୍ରାରେ ଯାଇ ଅଧିଷ୍ଠାତ୍ରୀ ଦେବୀ ମା' ଭଗବତୀଙ୍କ ପୀଠରେ ପହଞ୍ଚି ପୂଜାର୍ଚ୍ଚନା କରି ମା'ଙ୍କ ଆଶିଷ ନେଇ ନିର୍ବାଚନ ପ୍ରଚାର ମୈଦାନକୁ ଓହ୍ଲାଇଛନ୍ତି। ଏହି ପରିପ୍ରେକ୍ଷୀରେ ସାଂସଦ ମାନସ ଚିଲିକାରେ ବିଜେଡିର ଉଭୟ ପୁରୀ ସାଂସଦ ପ୍ରାର୍ଥୀ ଅରୂପ ପଟ୍ଟନାୟକ ଓ ଚିଲିକା ବିଧାୟକ ପ୍ରାର୍ଥୀ ରଘୁନାଥ ସହୁଙ୍କୁ ବିପୁଳ ମାତ୍ରାରେ ବିଜୟୀ କରିବା ସହ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ହାତ ମୁଠାକୁ ଟାଣ କରି ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ କରାଇ ଚିଲିକା ତଥା ରାଜ୍ୟର ବିକାଶ ଧାରାକୁ ଆଗେଇ ନେବାରେ ସହାୟକ ହେବାକୁ ବିଜେଡି କର୍ମୀଙ୍କୁ ଆହ୍ୱାନ ଦେଇଛନ୍ତି। ସାଂସଦ ପ୍ରାର୍ଥୀ ଶ୍ରୀ ପଟ୍ଟନାୟକ ଚିଲିକାରେ ଯୋଡି ଶଙ୍ଖ ନାଦ କରି ବିଜେଡିକୁ ବିପୁଳ ବିଜୟ କରିବା ପାଇଁ ନିର୍ବାଚନ ମଣ୍ଡଳୀ ଜନସାଧାରଣଙ୍କ ଆର୍ଶିବାଦ ଭିକ୍ଷା କରିଥିଲେ। ଚିଲିକାକୁ ବିଶ୍ୱ ପର୍ଯ୍ୟଟନସ୍ଥଳୀର ମାନ୍ୟତା, ସମସ୍ତ ବର୍ଗର ଲୋକଙ୍କ ପାଇଁ ଉନ୍ନତିମୂଳକ କାର୍ଯ୍ୟ ଜାରି ରଖି ଚିଲିକାରେ ନବୀନ ଓଡ଼ିଶାର ବିକାଶ ଧାରାକୁ ଆଗେଇ ନେବାକୁ ସଦା ସର୍ବଦା ପ୍ରୟାସ କରିବେ ବୋଲି କହିଛନ୍ତି ଶ୍ରୀ ସାହୁ। ଅନ୍ୟପକ୍ଷେ ବିଜେଡିର ବିଧାୟକ ପ୍ରାର୍ଥୀ ରଘୁନାଥ ସାହୁଙ୍କ ବିଶାଳ ଶୋଭାଯାତ୍ରା ଓ ଜନସାଧାରଣଙ୍କ ସମର୍ଥନକୁ ଦେଖି ବିରୋଧି ବିଜେପି ଶିବିରରେ ଛନକା ପଶିଗଲାଣି।



## ଚାନ୍ଦପୁରରେ ବିଜେଡିର ମାରାଥନ ପ୍ରଚାର



**କାଲୁପଡ଼ାଘାଟ, ୨୩।୪(ସମିସ):** ପୁରୀ ସଂସଦୀୟ କ୍ଷେତ୍ର ରଣପୁର ବିଧାନ ସଭା ନିର୍ବାଚନ ମଣ୍ଡଳୀରେ ନିର୍ବାଚନ ପ୍ରଚାରକୁ ଜୋରଦାର କରିଛି ଶାସକ ବିଜେଡି। ରଣପୁର ବିଧାନ ସଭାର ବିଧାୟକ ଭାବେ ଦୁଇ ଦୁଇ ଥର ବିଧାୟକ ପଦ ମଣ୍ଡନ କରି ଆସିଥିବା ପୁରୁଖା ଟାଣୁଆ ନେତା ସତ୍ୟ ନାରାୟଣ ପ୍ରଧାନଙ୍କୁ ବିଜେଡି ପୁଣି ତୃତୀୟ ଥର ପାଇଁ ବିଧାୟକ ପ୍ରାର୍ଥୀ ଭାବେ ଟିକଟ ଦେଇଛି।

ତେଣୁ ହ୍ୟାଟ୍ରିକ ବିଜୟ ଲାଭ କରିବା ନେଇ ବିଜେଡି ବିଧାୟକ ପ୍ରାର୍ଥୀ ସତ୍ୟ ନାରାୟଣ ପ୍ରଧାନ ପ୍ରଚାରକୁ ଜୋରଦାର କରିଛନ୍ତି। ଚାନ୍ଦପୁର ଆରାଧ୍ୟ ଦେବୀ ମା'ରାମଚଣ୍ଡୀଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରିବା ପରେ ସାଂସଦ ପ୍ରାର୍ଥୀ ଅରୂପ ପଟ୍ଟନାୟକଙ୍କ ସହ ପ୍ରଚାର କାର୍ଯ୍ୟ ଆରମ୍ଭ କରିଛନ୍ତି। ଶହ ଶହ ବିଜେଡି ସମର୍ଥକଙ୍କ ଗହଣରେ ସାଂସଦ ପ୍ରାର୍ଥୀ ଅରୂପ ପଟ୍ଟନାୟକଙ୍କ ସହ ବିଧାୟକ ପ୍ରାର୍ଥୀ ସତ୍ୟ ନାରାୟଣ ପ୍ରଧାନ ଚାନ୍ଦପୁର, କନ୍ଧ ନୟାଗଡ଼, ଚମ୍ପାଗଡ଼, କେରଣ୍ଡା ଟାଙ୍ଗୀ, ଜଙ୍କିଆ ଆଦି ପଞ୍ଚାୟତ ବୁଲି ବୁଲି ଭୋଟ ଭିକ୍ଷା କରିଛନ୍ତି।

## 'ଅବହେଳିତ ଶିଶୁଙ୍କ ଶିକ୍ଷା ସୁନିଶ୍ଚିତ କର'



**ଖୋର୍ଦ୍ଧା, ୨୩।୪(ସମିସ) :** ଖୋର୍ଦ୍ଧା ସମଗ୍ର ଶିକ୍ଷା ପ୍ରକଳ୍ପ କାର୍ଯ୍ୟାଳୟରେ ପରିବାରରୁ ଉପେକ୍ଷିତ ଶିଶୁଙ୍କୁ ଉପଯୁକ୍ତ ଥଇଥାନ ଉଦ୍ଦେଶ୍ୟରେ ଆୟୋଜିତ ବୈଠକରେ ଜିଲାପାଳ ଚଞ୍ଚଳ ରାଣା ଅଧ୍ୟକ୍ଷତା କରିଥିଲେ। ସମାଜ ତଥା କୌଣସି କାରଣରୁ ପରିବାର ଠାରୁ ଅଲଗା ହୋଇ ଅବହେଳିତ, ନିଷ୍ପେସିତ ଜୀବନ ବିତାଉଥିବା ୬ରୁ ୧୪ବର୍ଷର ଶିଶୁଙ୍କୁ ଚିହ୍ନଟ କରି ଉପଯୁକ୍ତ ଶିକ୍ଷା ପ୍ରଦାନ ଲାଗି ଭୁବନେଶ୍ୱରେ ୪ଟି ଆବାସିକ ବିଦ୍ୟାଳୟ କାର୍ଯ୍ୟ କରୁଛି। ଏଥିରେ ୨ଶହ ଛାତ୍ରୀଛାତ୍ର ଅଧ୍ୟୟନର ସୁଯୋଗ ରହିଛି। ଏଥିରେ ଅଦ୍ୟାବଧି ୫୯ ଟି ଅନ୍ତେବାସୀ ଖାଲି ପଡ଼ିଛି। ଏହା ପୂରଣ ନିମନ୍ତେ ଜିଲାପାଳ ତାଗିଦ୍ କରିଥିଲେ। ଅବହେଳିତ ଶିଶୁଙ୍କୁ ତୁରନ୍ତ ଚିହ୍ନଟ ଲାଗି ପରାମର୍ଶ ଦେଇଥିଲେ। ଜିଲ୍ଲା ଶିକ୍ଷାଧିକାରୀ ବିଶ୍ୱନାଥ ତରାଇ ଓ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ସ୍ନିଗ୍ଧା ମିଶ୍ର ପରିଚାଳନା କରିଥିଲେ। ଜିଲ୍ଲା ଶ୍ରମ ଅଧିକାରୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଜିଲା ସମାଜ ମଙ୍ଗଳ, ସମାଜ କଲ୍ୟାଣ, ସାମାଜିକ ସୁରକ୍ଷା ଅଧିକାରୀ, ପୋଲିସ ଏବଂ ଅନ୍ୟ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

● ୫ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ବ୍ରାଉନସୁଗର ଜବତ

## ଦୁଇ ବେପାରୀ ଗିରଫ

ବାଲୁଗାଁ/କାଲୁପଡ଼ାଘାଟ, ୨୩।୪ (ସମିସ): ଖୋର୍ଦ୍ଧା ଜିଲ୍ଲାରେ ପୁଣି ଧଳାଜହର ବେପାରୀ ସକ୍ରିୟ ହୋଇ ଉଠିଛନ୍ତି। ମଙ୍ଗଳବାର ସକାଳୁ ଟାଙ୍ଗୀ ଓ ବାଲୁଗାଁ ଅବକାରୀ ବିଭାଗ ପୃଥକ ଭାବରେ ବିଭିନ୍ନ ସ୍ଥାନରେ ଚଢଉ କରି ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ଚଣ୍ଡେଶ୍ୱର ଛକ ଓ ଟାଙ୍ଗୀ ବଡପାରୀ ଅଞ୍ଚଳରୁ ୨ ଜଣ ବ୍ରାଉନସୁଗର ବେପାରୀକୁ ଗିରଫ କରିବା ସହ ଦୁଇ ଅଭିଯୁକ୍ତଙ୍କ ନିକଟରୁ ୫୫ ଗ୍ରାମ ବ୍ରାଉନସୁଗରର, ଯାହାର ଆନୁମାନିକ ମୂଲ୍ୟ ୫ ଲକ୍ଷ ୫୦ ହଜାର ଟଙ୍କା ହେବ ଜବତ କରିବାରେ ସଫଳ ହୋଇଛନ୍ତି। ଅଭିଯୁକ୍ତ ଦ୍ୱୟ କନ୍ଧନୟାଗଡ଼ ଅଞ୍ଚଳର ଜିତେନ୍ଦ୍ର ଖମାରି ଏବଂ ଦିପୁ କଳସି ବୋଲି ଜଣାପଡ଼ିଛି। ସୂଚନା ମୁତାବକ ବ୍ରାଉନସୁଗର ଚାଲାଣ ହେଉଥିବା ନେଇ ବିଶେଷ ସୂତ୍ରରୁ ଖବର ପାଇ ସକାଳୁ ଟାଙ୍ଗୀ ରେଞ୍ଜ ଅବକାରୀ ନିରୀକ୍ଷକ ନାରାୟଣ ଜେନା ଓ ବାଲୁଗାଁ ଅବକାରୀ ଅଧିକାରୀ ସ୍ମିତା ପଣ୍ଡା ବିଭାଗୀୟ କର୍ମଚାରୀ ସାମିଲ ହୋଇ ସଦଳବଳେ ପୃଥକ ଭାବରେ ଚଢ଼ଉ କରି ଚଣ୍ଡେଶ୍ୱର ଛକରୁ ଜିତେନ୍ଦ୍ରକୁ ଗିରଫ କରି ତା ନିକଟରୁ ୩୦ ଗ୍ରାମ ବ୍ରାଉନସୁଗର ଏବଂ ଟାଙ୍ଗୀ ବଡ଼ପାରି ଓଭରବ୍ରିଜ ତଳୁ ଦିପୁକୁ ଗିରଫ କରି ତା ନିକଟରୁ ୨୫ଗ୍ରାମ ବ୍ରାଉନସୁଗର ଜବତ କରିଥିଲେ। ଅଭିଯୁକ୍ତ ଦ୍ୱୟଙ୍କ ଠାରୁ ସମୁଦାୟ ୫୫ ଗ୍ରାମ ବ୍ରାଉନ ସୁଗାର ଜବତ କରି ଥିଲେ। ଯାହାର ଆନୁମାନିକ ମୂଲ୍ୟ ମୂଲ୍ୟ ୫ ଲକ୍ଷ ୫୦ ହଜାର ଟଙ୍କା ହେବ। ଅବକାରୀ ବିଭାଗ ଗିରଫ ଦୁଇ ଅଭିଯୁକ୍ତଙ୍କ ବିରୋଧରେ ୨ ଟି ପୃଥକ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଥିବା ସୂଚନା ମିଳିଛି।



## ରାସ୍ତାରେ ଛାତ୍ରୀଙ୍କୁ ଦୁର୍ବ୍ୟବହାର ଅଭିଯୋଗ



**ଜଟଣୀ, ୨୩।୪(ସମିସ):** ଜଟଣୀ ଥାନା ଅଞ୍ଚଳରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଟ୍ୟୁଉସନ୍ ସାରି ଘରକୁ ଫେରୁଥିବା ଛାତ୍ରୀଙ୍କୁ ଜଣେ ଦୁର୍ବୃତ୍ତ ରାସ୍ତାରେ ଅଟକାଇ ଟଣାଓଟରା କରି ଦୁର୍ବ୍ୟବହାର କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥିତିଯାଞ୍ଚ କରିବା ସହ ଛାତ୍ରୀଙ୍କ ସାଇକଲକୁ ଉଦ୍ଧାର କରିଛି। ଘଟଣାନୁଯାୟୀ, ସୋମବାର ରାତିରେ ରଥିପୁର ଅଞ୍ଚଳର ଦୁଇ ଜଣ ଛାତ୍ରଛାତ୍ରୀ ଟ୍ୟୁଉସନ୍ ସାରି ସାଇକଲରେ ରଥିପୁର ସ୍ଥିତ ଘରକୁ ଫେରୁଥିଲେ। ଏହି ସମୟରେ ଏଚପିସିଏଲ୍ ପ୍ଲାଣ୍ଟ ରାସ୍ତା ଦେଇ ଆସୁଥିବା ବେଳେ ଜଣେ ଦୁର୍ବୃତ୍ତ ସେମାନଙ୍କ ପିଛା କରି କମେଣ୍ଟ ମାରି ଆଗକୁ ପଳାଇଥିଲା। ପୁଣି ପଛକୁ ଫେରି ଛାତ୍ରୀଜଣଙ୍କୁ ଜବରଦସ୍ତ ରାସ୍ତାରେ ଅଟକାଇ ଟଣାଓଟରା କରି ଦୁର୍ବ୍ୟବହାର କରିବାକୁ ଚେଷ୍ଟା କରିଥିଲା। ଏହି ସମୟରେ ସାଙ୍ଗରେ ଥିବା ଛାତ୍ର ଜଣଙ୍କ ଦୁର୍ବୃତ୍ତକୁ ପଛରୁ ଠେଲି ଦେବାରୁ ସେ ତଳେ ପଡ଼ିଯାଇଥିଲା ଓ ଛାତ୍ରୀ ଜଣଙ୍କ ଦୌଡ଼ି ଆଗକୁ ପଳାଇଥିଲା। ଏହାପରେ ଛାତ୍ର ଜଣଙ୍କ ଚିତ୍କାର କରିବାରୁ ଦୁର୍ବୃତ୍ତ ଜଣଙ୍କ ସ୍କୁଟି ନେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। ଏହାପରେ ଉଭୟ ଗ୍ରାମରେ ପହଞ୍ଚି ଘଟଣା ସମ୍ପର୍କରେ ଗ୍ରାମବାସୀଙ୍କୁ ଜଣାଇବା ପରେ ସେମାନେ ପୁଲିସକୁ ଖବର ଦେଇଥିଲେ। ପରେ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଅନ୍ୟପଟେ ଆଇ ଓ ସିଏଲ ଡିପୋ କର୍ତ୍ତୃପକ୍ଷ ସମ୍ମୁଖ ରାସ୍ତା ସବୁ ସମୟରେ ଅନ୍ଧକାରମୟ ରଖୁଥିବାରୁ ଅପରାଧି ବିଭିନ୍ନ ଅସାମାଜିକ କାର୍ଯ୍ୟ କଳାପ କରିବାକୁ ସୁଯୋଗ ପାଉଛନ୍ତି ବୋଲି ସ୍ଥାନୀୟ ଜନସାଧାରଣ ଅଭିଯୋଗ କରି ଆଇ ଓ ସିଏଲ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେହିପରି ଏଠାରେ ପୁଲିସ ପେଟ୍ରୋଲିଂ କଡାକଡି ହେଉନଥିବା ଅଭିଯୋଗ କରିଛନ୍ତି।

## ବାଦିପାଲା ଉଦ୍ଯାପିତ

**ବେଗୁନିଆ, ୨୩।୪(ସମିସ):** ବେଗୁନିଆ ଥାନା ଅନ୍ତର୍ଗତ ଗୋପାଳପୁର ପଞ୍ଚାୟତ ନୟାପଲ୍ଲୀ ଗ୍ରାମର ପଲ୍ଲୀ ମଙ୍ଗଳ ଯୁବକ ସଂଘ ପକ୍ଷରୁ ମା'ଭୂଆସୁଣୀଙ୍କ ପୀଠରେ ଚାରି ଦିନ ଧରି ଚାଲିଥିବା ବାଦିପାଲା ଉଦ୍ଯାପିତ ହୋଇଛି। ଏଥିରେ ଗାୟିକା ମୀନାରାଣୀ ପୃଷ୍ଟି ଓ ବିଜୟଇନି ହରିଚନ୍ଦନ ପାଲା ପରିବେଷଣ କରିଥିଲେ। ଉଦଯାପାନୀ ଉତ୍ସବରେ ବିଜେଡ଼ି ରାଜ୍ୟ ସାଧାରଣ ସମ୍ପାଦକ ପ୍ରଦୀପ କୁମାର ସାହୁ ଓ ସରପଞ୍ଚ ପ୍ରଦୀପ ବାରିକ ଯୋଗ ଦେଇ ଉତ୍ସାହିତ କରିଥିଲେ। ପଲ୍ଲୀ ମଙ୍ଗଳ ଯୁବକ ସଂଘର ସଭାପତି ଦାଶରଥୀ ଖୁଣ୍ଟିଆଙ୍କ ଓ ମହିମା ସେବା ଫାଉଣ୍ଡେସନ ସମେତ ଗ୍ରାମବାସୀ ସହଯୋଗ କରିଥିଲେ।

## ପୂର୍ଣ୍ଣବିଗ୍ରହଙ୍କ ମନ୍ଦିର ଦର୍ଶନ କଲେ ଅଲ୍ ଓଡ଼ିଶା ମନ୍ଦିର ସେବାୟତ ସଂଘ ପ୍ରତିନିଧି ଦଳ



**ଖୋର୍ଦ୍ଧା, ୨୩।୪(ସମିସ):** ଖୋର୍ଦ୍ଧା ଉପକଣ୍ଠ ଜାଗୁଲେଇପାଟଣା ମନ୍ଦିର ଦର୍ଶନ କେଲେ ଅଲ୍ ଓଡ଼ିଶା ମନ୍ଦିର ସେବାୟତ ସଂଘ ପ୍ରତିନିଧି ଦଳ। ସଂଘ ତରଫରୁ ଓଡ଼ିଶାର ସେବାୟତମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରିବା ସହିତ ସଭିଙ୍କୁ ସଂଗଠିତ କରିବା ପାଇଁ ଆରମ୍ଭ ହୋଇଛି ପ୍ରୟାସ। ଏହି କ୍ରମରେ ସଂଘ ତରଫରୁ ଓଡ଼ିଶାର ପ୍ରତି ଜିଲ୍ଲାର ପ୍ରମୁଖ ମନ୍ଦିର ସବୁ ପରିଦର୍ଶନ ସହିତ ସେହି ମନ୍ଦିର ସେବାୟତଙ୍କ ସହିତ ଆଲେଚନା କରାଯାଉଛି। ମଙ୍ଗଳବାର ସନ୍ଧ୍ୟାରେ ଅଲ୍ ଓଡ଼ିଶା ମନ୍ଦିର ସେବାୟତ ସଂଘ ତରଫରୁ ପ୍ରତିନିଧିଙ୍କ ମଧ୍ୟରେ ସଭାପତି କାମେଶ୍ୱର ତ୍ରିପାଠୀ, ସମ୍ପାଦକ ସିଂହାରୀ ଆଲୋକ ଖୁଟିଆ, ସଦସ୍ୟ ହରିବନ୍ଧୁ କର, ରମେଶ ଚନ୍ଦ୍ର ପ୍ରମୁଖ ଖୋର୍ଦ୍ଧା ଜିଲ୍ଲାର ବହୁ ପୁରାତନ ମନ୍ଦିର ଜାଗୁଲେଇପାଟଣାସ୍ଥିତ ଜଗନ୍ନାଥ ମନ୍ଦିର ପରିଦର୍ଶନ କରି ସେବାୟତ ମାନଙ୍କ ସହିତ ବିଭିନ୍ନ ପ୍ରସଙ୍ଗକୁ ନେଇ ଆଲେଚନା କରିଥିଲେ। ପ୍ରକାଶ ଥାଉକି, ଏହି ମନ୍ଦିରରେ ଜଗନ୍ନାଥ, ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ପୂର୍ଣ୍ଣବିଗ୍ରହ ପୂଜା ପାଉଛନ୍ତି।

■ ୭୯ ବର୍ଷରେ ବାଜପୁର ରଙ୍ଗଣୀସାହି ରାମଲୀଳା

## ସୀତା ଚୋରି, ପକ୍ଷୀରାଜ ଜଟାୟୁ ବଧ



**ଖୋର୍ଦ୍ଧା, ୨୩।୪(ସମିସ):** ଖୋର୍ଦ୍ଧାବ୍ଲକ ଅନ୍ତର୍ଗତ ବାଜପୁର ଗ୍ରାମ ରଙ୍ଗଣୀସାହିରେ ଶ୍ରୀରାମଲୀଳା ପ୍ରଚାର ସମିତି ପକ୍ଷରୁ ଆଜକୁ ୭୯ବର୍ଷ ହେବ ଅନୁଷ୍ଠିତ ହୋଇଆସୁଛି ଶ୍ରୀ ରାମଲୀଳା ଉତ୍ସବ। ପ୍ରତିବର୍ଷ ରାମନବମୀଠାରୁ ଆରମ୍ଭ ହୁଏ ପୁରୁଷୋତ୍ତମ ପ୍ରଭୁ ରାମଚନ୍ଦ୍ରଙ୍କ ଲୀଳା ଉତ୍ସବ। ଗିତୀନାଟ୍ୟ ଢଙ୍ଗରେ କବି ଅନଙ୍ଗ ନରେନ୍ଦ୍ର, ବିକ୍ରମ ନରେନ୍ଦ୍ର, ଓ ସଦାଶିବଙ୍କ ଭଉତିକୁ ଆଧାରାକରି ଶ୍ରୀରାମ, ଲକ୍ଷ୍ମଣ, ସୀତା ଏବଂ ରାବଣ, କୁମ୍ଭକର୍ଣ୍ଣର୍, ବଭୀଷଣଙ୍କ ଜନ୍ମଠାରୁ ଆରମ୍ଭ କରି ସୀତାବିବାହ, ବନବାସ, ଲଙ୍କାପୋଡ଼ି, ଲକ୍ଷ୍ମଣ ଶକ୍ତିଭେଦ, ଇନ୍ଦ୍ରଜିତ ବଧ, ତରଣୀସେନ ବଧ, ମହୀରାବଣ ବଧ, ରାବଣବଧ ଓ ବିଭୀଷଣଙ୍କ ରାଜ୍ୟାଭିଷେକପରେ ଶେଷ ରାତିରେ ଅନୁଷ୍ଠିତ ହୁଏ ଶ୍ରୀ ରାମଚନ୍ଦ୍ରଙ୍କ ରାଜ୍ୟ ସିଂହାସନ ଆରୋହଣ(ଅଭିଷେକ) ଉତ୍ସବ। ଗାଁରେ ସୃଷ୍ଟି ହୋଇଥାଏ ଏକ ଆଧ୍ୟାତ୍ମିକ ପରିବେଶ। ସୀତା ଚୋରି ନାଟକରେ ରାବଣ ମାତା ସୀତାଙ୍କୁ ଚୋରି କରି ନେଇ ପୁଷ୍ପକ ବିମାନରେ ଧରି ଯିବାବେଳେ ପକ୍ଷୀରାଜ ଜଟାୟୁଙ୍କ ସହିତ ଖଣ୍ଡ ଯୁଦ୍ଧ ହୁଏ ଏବଂ ଜଟାୟୁ ବହୁ ସମୟ ଯୁଦ୍ଧ କରି ଶେଷରେ ପ୍ରାଣ ତ୍ୟାଗ କରିଥାଏ। ଜାଟାୟୁର ରୋଦନ ମା'ସୀତାଙ୍କର ଅଙ୍ଗ ବସ୍ତ୍ରକୁ ଦେଖି ରାମ ଲକ୍ଷ୍ମଣ ଦୁଇ ଭାଇ ରୋଦନ କରିଥାନ୍ତି। ସୀତା ଚୋରି ବିଷୟ ବସ୍ତୁ ରାବଣ ବଧର ମୂଳଦୁଆ ବୋଲି କୁହାଯାଏ। ସମସ୍ତ ରାମଲୀଳା ନାଟକକୁ ରଙ୍ଗଣୀସାହି ଶ୍ରୀରାମଲୀଳା ପ୍ରଚାର ସମିତି କଳାକାରମାନଙ୍କ ଦ୍ୱାରା ଅଭିନୀତ ହୋଇଥିଲା। କଳାକାରଙ୍କ ଏଭଳି ଜୀବନ୍ତ କଳା ପରିବେଷଣ ରାତିର ଶୁଳୁଶୁଳିଆ ପବନରେ ଖୋଲା ମଞ୍ଚ ନିକଟରେ ଦର୍ଶକଙ୍କୁ ବାନ୍ଧି ରଖିଥିଲା।

## ଭେଙ୍କଟେଶ୍ୱର ବିଦ୍ୟାଳୟର ବାର୍ଷିକୋତ୍ସବ

**ବାଲୁଗାଁ, ୨୩।୪(ସମିସ):** ବାଲୁଗାଁ ଭେଙ୍କଟେଶ୍ୱର ଇଂଗ୍ରାଜୀ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ 'ଉତ୍କର୍ଷ' ବାଲୁଗାଁ ବାଣପୁର ବାଇପାଶ ସ୍ଥିତ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇ ଯାଇଛି। ବିଦ୍ୟାଳୟର ସଭାପତି ରଞ୍ଜିତ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଅତିଥିଭାବେ ବାଣପୁର ଗୋଦାବରୀଶ ମହାବିଦ୍ୟାଳୟର ଅଧ୍ୟାପକ ପ୍ରଶାନ୍ତ କୁମାର ପ୍ରଧାନ, ଭାରତୀୟ ଜୀବନ ବୀମାର ବାଲୁଗାଁ ଶାଖା ପରିଚାଳକ ପ୍ରୀୟ ରଞ୍ଜନ ବେହେରା, ଆଇନଜୀବୀ ମୂରଲୀଧର ସାମନ୍ତସିଂହାର, ବିଦ୍ୟାଳୟ କମିଟି ଉପସଭାପତି ପ୍ରଫୁଲ୍ଲ କୁମାର ପ୍ରହରାଜ ପ୍ରମୁଖ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାମଚନ୍ଦ୍ର ଶାସମଲ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବିଦ୍ୟାଳୟର ସମ୍ପାଦିକା ସସ୍ମିତା ପ୍ରଧାନ ବାର୍ଷିକ ବିବରଣୀ ପାଠ କରିଥିଲେ। ଆୟୋଜିତ ସଭାରେ ନୂତନ ଦିଗନ୍ତର ନୂତନ ଚିନ୍ତାଧାରା ନେଇ ଶିକ୍ଷାର ଅଭିବୃଦ୍ଧି, ପ୍ରତିଯୋଗିତା ମୁଳକ ଶିକ୍ଷା, ଶୈକ୍ଷିକ ପରିବେଶ, ଖେଳକୁଦ ସହ ବ୍ୟାୟାମ, ଯୋଗ ଓ ଗୁରୁ ଶିଷ୍ୟର ସମ୍ପର୍କ ସୁଦୃଢ଼ କରିବା ଦିଗରେ ମଞ୍ଚାସୀନ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ମେଧାବୀ ଛାତ୍ର ଛାତ୍ରୀ ଓ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍? ଅର୍ଜନ କରିଥିବା ପ୍ରତିଭାଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇ ଥିଲା। ଶେଷରେ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ନାଟକ 'ମା' ପରିବେଷଣ କରାଯାଇଥିଲା।



## ବାଳିକା ସମୃଦ୍ଧି ଓ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

**ନାଚୁଣୀ, ୨୩।୪(ସମିସ):** ସ୍ଥାନୀୟ ନାଚୁଣୀ ଗୋଦାବରୀଶ ସରକାରୀ ହାଇସ୍କୁଲ ରେ ଆଜି ପ୍ରଧାନ ଶିକ୍ଷକ ବସନ୍ତ କୁମାର ଶବରଙ୍କ ସହଯୋଗ ତଥା ଶିକ୍ଷା ପରିଚାଳନା କମିଟି ଅଧ୍ୟକ୍ଷ ପ୍ରଦୋଷ କୁମାର ଦାସଙ୍କ ଅଧ୍ୟକ୍ଷତାରେ ବାଳିକା ସମୃଦ୍ଧି ଓ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବକ୍ତାଭାବେ ବରିଷ୍ଠ ଶିକ୍ଷୟିତ୍ରୀ ସ୍ୱାଗତିକା ସ୍ୱାଇଁ, ସବିତା ଦେଇ, ଶିଲଶିଲା ଦାସ, ସୋନାଲି ନାୟକ, ବନୀତା ପରିଡ଼ା ଯୋଗଦେଇ ନିଜର ବକ୍ତବ୍ୟ ରଖିଥିଲେ। ଏଥିରେ ବିଦ୍ୟାଳୟର ସମସ୍ତ ଛାତ୍ରୀମାନଙ୍କୁ ନେଇ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ବିଶେଷ କରି ଅଧ୍ୟୟନରତା ବାଳିକାମାନେ ନିଜର ସମୃଦ୍ଧି ଓ ସୁରକ୍ଷା ପାଇଁ ଆବଶ୍ୟକ ସମୟରେ କିଭଳି ଆଉ ସଚେତନ ହୋଇ କର୍ତ୍ତବ୍ୟ ପରାୟଣ ହୋଇ ସାହସିକ ପଦକ୍ଷେପ ନେଇ ନିଜକୁ ଧନ୍ୟ କରିପାରିବେ ବୋଲି ସଚେତନତା ସୃଷ୍ଟି କରାଯାଇଥିଲା। ଛାତ୍ରୀ ସୋନମ୍ ରାଣୀ ଦ୍ୱିୟା ଭାରତୀ ଓ ସାଥୀ ନିଜର ମତ ରଖି ଧନ୍ୟବାଦ ଅର୍ପଣ କରିଥିଲେ।



ପାଣି ପାଇଁ ଡହଳବିକଳ

## ଗରା-ବାଲ୍‌ତି ଧରି ରାସ୍ତା ଅବରୋଧ କଲେ ମହିଳା

ବେଗୁନିଆ, ୨୩।୪(ସମିସ)



ଖୋର୍ଦ୍ଧା ବେଗୁନିଆ ବ୍ଲକ ଅନ୍ତର୍ଗତ ଗଡ଼ମାଣତିର ଗ୍ରାମର ମହିଳାମାନେ ସକାଳେ ଗରା-ବାଲଟି ଧରି ଗ୍ରାମର ଉପର ଛକ ଠାରେ ସିକୋ-ଖୋର୍ଦ୍ଧା ରାସ୍ତାକୁ ଅବରୋଧ କରିଥିଲେ। ରାସ୍ତା ଅବରୋଧ ହେବାରୁ ମୋଟରଯାନ ରାସ୍ତାର ଉଭୟ ପାର୍ଶ୍ୱରେ ଗାଡି ଜମା ହୋଇ ରହିଥିବାରୁ ଯାତ୍ରୀମାନେ ଅକଥନୀୟ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଥିଲେ। ପ୍ରବଳ ଗ୍ରୀଷ୍ମପ୍ରବାହ ଯୋଗୁଁ ନଈ, ନାଳ, ପୋଖରୀ ଓ କୂଅର ଜଳସ୍ତର ଦିନକୁ ଦିନ ହ୍ରାସ ପାଇ ଗ୍ରାମରେ ଥିବା ନଳକୂପ ଗୁଡିକ ଠିକ ଭାବେ କାମ କରୁନି। କେଉଁଠାରେ ଲୌହଗୁଣ୍ଡ ମିଶ୍ରିତ ଦୂଷିତ ପାଣି ବାହାରୁଛି ତ କେଉଁଠାରେ ନଳକୂପ ଦୀର୍ଘଦିନ ହେବ ଅଚଳ ହୋଇ ପଡ଼ିଛି। ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ପ୍ରଶାସନ ମରାମତି ଦିଗରେ କୌଣସି ପଦକ୍ଷେପ ନନେବା ପରିତାପର ବିଷୟ। ବସୁଧା ଯୋଜନାରେ ସମ୍ପୃକ୍ତ ଗ୍ରାମର ସବୁ ସାହିକୁ ପାଇପ ଯୋଗେ ପାନୀୟ ଜଳ ଯୋଗାଇ ଦିଆଯାଇଥିବା ବେଳେ ତାହା ଅଚଳ ହୋଇ ପଡ଼ିଥିବା ଯୋଗୁଁ ଲୋକମାନେ ଟ୍ୟାପ୍ ମାଧ୍ୟମରେ ପାଣି ନପାଇ ଡହଳବିକଳ ହେଉଛନ୍ତି। ସ୍ଥାନୀୟ ଲୋକମାନେ ସରପଞ୍ଚ ଓ କନିଷ୍ଠ ଯନ୍ତ୍ରୀଙ୍କ ନିକଟରେ ପୂର୍ବରୁ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ କେହି କର୍ଣ୍ଣପାତ କରିନଥିଲେ। ମଙ୍ଗଳବା ପୂର୍ବାହ୍ନରେ ଅଞ୍ଜଳୀ ପଟ୍ଟନାୟକ, ମନୋରମା ବାରିକ, ଦୁଲା ବାରିକ ଓ ଜାନକୀ ଜେନାଙ୍କ ସହିତ ଅନ୍ୟ ମହିଳାମାନେ ପ୍ରଶାସନ ଉପରୁ ଭରସା ତୁଟାଇ ପ୍ରବଳ ଖରାରେ ଗରା-ବାଲଟି ଧରି ରାସ୍ତା ଉପରେ ବସି ରହିଥିଲେ। ପ୍ରଶାସନ ତୁରନ୍ତ ଘଟଣାର ସମାଧାନ ନକଲେ ସାଧାରଣ ନିର୍ବାଚନରେ ଲୋକମାନେ ଭୋଟ ଦେବେନି କି ପ୍ରାର୍ଥୀମାନଙ୍କୁ ଗାଁରେ ପୁରାଇ ଦେବେ ନାହିଁ ବୋଲି ଚେତାବନୀ ଛନ୍ତି।ପରେ ସ୍ଥାନୀୟ ସରପଞ୍ଚ କରୁଣାକର ଦଳସିଂହାର ଓ କନିଷ୍ଠଯନ୍ତ୍ରୀ ସରିତା ଦାଶ ପହଁଞ୍ôଚ ତୁରନ୍ତ ସମସ୍ୟା ସମାଧାନ କରିବା ପରେ ରାସ୍ତା ଅବରୋଧରୁ ହଟିଥିଲେ।



## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୮୩.୨୫ ● ପାଉଣ୍ଡ ୧୦୩.୮୭
- ୟୁରୋ ୮୯.୮୩ ● ୟେନ୍ ୦.୫୩

## ସୁନା ରୁପା ଦର



୧୦ ଗ୍ରାମ ପିଛା (ଟଙ୍କାରେ)

- ସୁନା : ୬୫,୯୫୦ (ଭୁବନେଶ୍ୱର)
- ରୁପା : ୮୨,୫୦୦ (କେଜି)

## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)

- ସେନ୍‌ସେକ୍ସ ୭୩,୭୩୮.୦୦
- ନିଫ୍ଟି ୨୨,୩୬୮.୦୦



## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୧.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୬



# ଯାଞ୍ଚ ପରିସରକୁ ଆସିବେ ଶିଶୁ ଖାଦ୍ୟ ପ୍ରସ୍ତୁତକାରୀ

**ନୂଆଦିଲ୍ଲୀ,୨୩।୪(ଏଜେନ୍ସି):** ନେସ୍‌ଲେ ବିବାଦ ପରେ ଶିଶୁ ଖାଦ୍ୟର ମାନକୁ ନେଇ କେନ୍ଦ୍ର ସରକାର କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଏହାପରେ ଶିଶୁ ଦୁଗ୍ଧ ଏବଂ ଶିଶୁ ଖାଦ୍ୟ ଉତ୍ପାଦନ କରୁଥିବା କମ୍ପାନୀଗୁଡିକ ବର୍ତ୍ତମାନ କଠୋର କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହୋଇପାରନ୍ତି। କାରଣ ସରକାରଙ୍କ ପକ୍ଷରୁ ଶିଶୁ ଖାଦ୍ୟ ପ୍ରସ୍ତୁତକାରୀ କମ୍ପାନୀଗୁଡିକର ସାମଗ୍ରୀର ଯାଞ୍ଚ ଆରମ୍ଭ କରିବାକୁ ଯାଉଛନ୍ତି। ଯଦି କୌଣସି କମ୍ପାନୀର ଉତ୍ପାଦ ମାର୍ଗଦର୍ଶିକା ଅନୁଯାୟୀ ପ୍ରସ୍ତୁତ କରାଯାଇ ନ ଥାଏ ତେବେ ସେ କ୍ଷେତ୍ରରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସରକାର ଶିଶୁ ଦୁଗ୍ଧ ପାଉଡରର ପରୀକ୍ଷା କରାଯିବା ସହ ବେବି ଫୁଡ୍ ଫର୍ମୁଲା ପ୍ରସ୍ତୁତକାରୀ ସଂସ୍ଥାକୁ ଯାଞ୍ଚ ପରିସରକୁ ଆଣିବାକୁ ପ୍ରସ୍ତୁତି ଚଳାଇଛନ୍ତି।



ବର୍ତ୍ତମାନ ସମୟରେ ଶିଶୁ ଖାଦ୍ୟ ଉତ୍ପାଦନ କରୁଥିବା କମ୍ପାନୀଗୁଡିକ ସରକାରଙ୍କ ଦ୍ୱାରା ଧାର୍ଯ୍ୟ ନିୟମର ଅନୁପାଳନ କରୁଛନ୍ତି କି ନାହିଁ ପ୍ରଥମେ ତାହା ଅନୁସନ୍ଧାନ କରାଯିବ। ଏଥିସହ

### ଶିଶୁ ଦୁଗ୍ଧ ପାଉଡରର ପରୀକ୍ଷା କରାଯିବ

### ବେବି ଫୁଡ୍ ଫର୍ମୁଲା ପ୍ରସ୍ତୁତକାରୀ କମ୍ପାନୀର ହେବ ଯାଞ୍ଚ

ଯେଉଁ କମ୍ପାନୀଗୁଡିକ ନିୟମକୁ କଡାକଡି ପାଳନ କରୁନାହାଁନ୍ତି, ତାଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏକ ରିପୋର୍ଟ ଅନୁଯାୟୀ, ବଜାରରେ ଉପଲବ୍ଧ ସମସ୍ତ କମ୍ପାନୀର ଶିଶୁ ଦୁଗ୍ଧ ପାଉଡରର ପରୀକ୍ଷା କରାଯିବ। ଯଦି କୌଣସି କମ୍ପାନୀ ନିର୍ଦ୍ଦେଶାବଳୀକୁ ଠିକ୍ ଭାବେ ଅନୁପାଳନ ନ କରନ୍ତି ସେମାନଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। କେନ୍ଦ୍ର ଖାଦ୍ୟ ନିରାପତ୍ତା ଏବଂ ମାନକ (ଶିଶୁଙ୍କ ପୁଷ୍ଟିକର ଖାଦ୍ୟ) ନିୟମାବଳୀ ୨୦୨୦ ଅନୁଯାୟୀ, ଶିଶୁ ଦୁଗ୍ଧ ପାଉଡରରେ ଲାକ୍ଟୋଜ ଏବଂ ଗ୍ଲୁକୋଜର ଶତକଡ଼ା ସୀମା ଅନ୍ତର୍ଭୂକ୍ତ କରି କିଛି ମାନକ ପୂରଣ ହେବା ଆବଶ୍ୟକ।

ଶିଶୁ ଦୁଗ୍ଧ ପାଉଡରରେ ଚିନି ପରିମାଣ ହ୍ରାସ କରିବାକୁ ଗୁରୁତ୍ୱ ଦେଉଥିବା ନେସ୍‌ଲେ କହିଛି। ନେସ୍‌ଲେ କହିଛି ଯେ , ଆମର ଉତ୍ପାଦରେ ପୁଷ୍ଟିକର ମାତ୍ରା ବଢ଼ାଇବା ପାଇଁ ଆମେ କ୍ରମାଗତ ଭାବରେ ଆମର ଆର୍‌ଣ୍ଡଆଡି ନେଟୱାର୍କର ଲାଭ ଉଠାଇଥାଉ। ପ୍ରକାଶ ଥାଉକି, ସ୍ୱିସ୍ ସ୍ୱେଚ୍ଛାସେବୀ ସଂଗଠନ ପବ୍ଲିକ୍ ଆଇ ଏବଂ ଇଣ୍ଟରନ୍ୟାସନାଲ ବେବି ଫୁଡ୍ ଆକ୍ସନ୍ ନେଟୱାର୍କ (ଆଇବିଏଫଏନ୍) ଦ୍ୱାରା ପ୍ରକାଶିତ ଏକ ରିପୋର୍ଟରେ ଭାରତରେ ଏବଂ ଆଫ୍ରିକୀୟ ଓ ଲାଟିନ ଆମେରିକୀୟ ଦେଶଗୁଡିକରେ ବିକ୍ରି ହେଉଥିବା ନେସ୍‌ଲେ ଶିଶୁ ଖାଦ୍ୟ ପଦାର୍ଥରେ ଚିନି ମାତ୍ରା ଅଧିକ ଥିବ ନେଇ ଅଭିଯୋଗ ହୋଇଥିଲା।

**ଡାଟା ବ୍ୟବହାରରେ ପଛରେ ପଡିଲା ଚାଇନା ମୋବାଇଲ**

# ରିଲାଏନ୍ସ ଜିଓ ବିଶ୍ୱର ସର୍ବବୃହତ ମୋବାଇଲ ଅପରେଟର

**ନୂଆଦିଲ୍ଲୀ, ୨୩।୪(ଏଜେନ୍ସି):** ଭାରତୀୟ ଟେଲିକମ୍ କ୍ଷେତ୍ରରେ ନିଜର ଆଧିପତ୍ୟ ପ୍ରତିଷ୍ଠା କରିବା ପରେ ରିଲାଏନ୍ସ ଜିଓ ଡାଟା ବ୍ୟବହାର ଦୃଷ୍ଟିରୁ ଏକ ନୂତନ ବିଶ୍ୱ ରେକର୍ଡ ସୃଷ୍ଟି କରିଛି। ଡାଟା ଟ୍ରାଫିକରେ ରିଲାଏନ୍ସ ଜିଓ ଏବେ ବିଶ୍ୱର ଏକ ନମ୍ବର କମ୍ପାନୀ ହୋଇପାରିଛି। ଗତ ତ୍ରୟମାସରେ ଜିଓ ନେଟୱାର୍କରେ ମୋଟ ଡାଟା ଟ୍ରାଫିକ୍ ୪୦.୯ ଏକ୍ସାବାଇଟ୍ ରେକର୍ଡ କରାଯାଇଛି। ଏଥି ସହିତ, ବର୍ତ୍ତମାନ ପର୍ଯ୍ୟନ୍ତ ବିଶ୍ୱରେ ଡାଟା ଟ୍ରାଫିକରେ ଏକ ନମ୍ବର କମ୍ପାନୀ ଥିବା ଚାଇନା ମୋବାଇଲ୍ ଦୁଇ ନମ୍ବର ସ୍ଥାନକୁ ଖସି ଆସିଛି। ଏହାର ନେଟୱାର୍କରେ ଡାଟା ବ୍ୟବହାର ଗତ ତ୍ରୟମାସରେ ୪୦ ଏକ୍ସାବାଇଟରୁ ମଧ୍ୟ କମ୍ ରହିଛି। ଡାଟା ବ୍ୟବହାର ଦୃଷ୍ଟିରୁ ଅନ୍ୟ ଏକ ଚାଇନିଜ୍ କମ୍ପାନୀ ଚାଇନା ଟେଲିକମ୍ ତୃତୀୟ ସ୍ଥାନରେ ଥିବାବେଳେ ଭାରତର ଏୟାରଟେଲ୍ ଚତୁର୍ଥ ସ୍ଥାନରେ ରହିଛି। ବିଶ୍ୱର ଟେଲିକମ୍ କମ୍ପାନୀଗୁଡ଼ିକର ଡାଟା ଟ୍ରାଫିକ୍ ଏବଂ ଗ୍ରାହକଙ୍କ ଆଧାର ଉପରେ ନଜର ରଖୁଥିବା ଟିଏଫିସିଏ ଏହାର ସଦ୍ୟତମ ରିପୋର୍ଟରେ ଏହି ସୂଚନା ଦେଇଛି। ୫ଜି ସେବା ଆରମ୍ଭ ହେବା ପରେ ରିଲାଏନ୍ସ ଜିଓର ନେଟୱାର୍କରେ ଡାଟା ବ୍ୟବହାର ପୂର୍ବ ବର୍ଷ ତୁଳନାରେ ୩୫.୨ ପ୍ରତିଶତ ବୃଦ୍ଧି ପାଇଛି। ଏହି ବୃଦ୍ଧି ପଛରେ ପ୍ରମୁଖ କାରଣ ରହିଛି ଜିଓର ଟ୍ରୁ ୫ଜି ନେଟୱାର୍କ ଏବଂ ଜିଓ ଏୟାର ଫାଇବରର ବିସ୍ତାର। ରିଲାଏନ୍ସ ଜିଓର ତ୍ରୈମାସିକ ଆର୍ଥିକ ଫଳାଫଳ ତଥ୍ୟ ଅନୁଯାୟୀ, ଜିଓ ଟ୍ରୁ ୫ଜି ନେଟୱାର୍କରେ ୧୦ କୋଟି ୮୦ ଲକ୍ଷ ଗ୍ରାହକ ଯୋଡି ହୋଇଛନ୍ତି ଏବଂ ଜିଓର ମୋଟ ଡାଟା ଟ୍ରାଫିକର ପ୍ରାୟ ୨୮ ପ୍ରତିଶତ ବର୍ତ୍ତମାନ ୫ଜି ନେଟୱାର୍କରୁ ଆସୁଛି। ଅନ୍ୟପକ୍ଷରେ, ଜିଓ ଏୟାର ଫାଇବର ମଧ୍ୟ ଦେଶର ୫,୯୦୦ ସହରରେ ଏହାର ସେବା ଆରମ୍ଭ କରିଛି। ନିକଟରେ କମ୍ପାନୀ ପକ୍ଷରୁ ପ୍ରକାଶିତ ତ୍ରୟମାସ ଆର୍ଥିକ ଫଳାଫଳ ଘୋଷଣା ତଥ୍ୟ ଅନୁଯାୟୀ, ଜିଓ ନେଟୱାର୍କରେ ଗ୍ରାହକଙ୍କ ପାଇଁ ମାସିକ ଡାଟା ବ୍ୟବହାର ୨୮.୭ ଜିବିକୁ ବୃଦ୍ଧି ପାଇଛି, ଯାହା ତିନି ବର୍ଷ ପୂର୍ବେ ମାତ୍ର ୧୩.୩ ଜିବି ଥିଲା।

# ବିନା ଇଣ୍ଟରନେଟରେ ଗୁଗୁଲ୍ ମ୍ୟାପ୍‌ରେ ଲୋକେସନ୍ ସେୟାର

**ନୂଆଦିଲ୍ଲୀ,୨୩।୪(ଏଜେନ୍ସି):** ସାରା ଦୁନିଆର ବଡ଼ ବଡ଼ କମ୍ପାନୀଗୁଡିକ ସମ୍ପ୍ରତି ସେମାନଙ୍କର ଆପ୍ସ ଏବଂ ସେବାଗୁଡିକୁ ଅପଡେଟ୍ କରୁଛନ୍ତି। ବର୍ତ୍ତମାନ ଗୁଗୁଲ୍ ଆପରେ ଏକ ଧମଦାର ଫିଚର ସାମ୍ନାକୁ ଆସୁଛି। ଏହି ଫିଚର ସାଟେଲାଇଟ କନେକ୍ଟିଭିଟିକୁ ଆହୁରି ଉନ୍ନତ କରିବ। ରିପୋର୍ଟ ମୁତାବକ, ଡିଭାଇସ୍‌ରେ ସେଲ୍ୟୁଲାରର ନେଟୱର୍କ ଏବଂ ୱାଇ-ଫାଇ ନ ଥିବା କାରଣରୁ ଗୁଗୁଲ୍ ମ୍ୟାପର ସାଟେଲାଇଟ କନେକ୍ଟିଭିଟି ଫିଚରର ସାହାଯ୍ୟ ନିଆଯାଇପାରିବ। ଗୁଗୁଲ ଆପ୍ସ ସାଟେଲାଇଟ କନେକ୍ଟିଭିଟି ଫିଚରର ବିଟା ଭର୍ଜସ୍ ଆରମ୍ଭ କରିଛି। ଏହି ଅପଡେଟର ଖାସ କଥା ହେଉଛି, ୟୁଜର୍ସ ଗୁଗୁଲ୍ ମ୍ୟାପରେ ହିଁ ନିଜ ଲୋକେସନ ସେୟାର କରିପାରିବେ। ଯେଉଁ ଅଞ୍ଚଳରେ ମୋବାଇଲ ନେଟୱର୍କର



ସମସ୍ୟା ରହିଛି, ସେଠାରେ ଏହି ଫିଚର ବହୁମାତ୍ରାରେ ଲାଭଦାୟକ ପ୍ରମାଣିତ ହେବ। ମିଡିଆ ରିପୋର୍ଟ ମୁତାବକ, ୟୁଜର୍ସ ଖୁବ ଶୀଘ୍ର ଏହି ଅପଡେଟ ବ୍ୟବହାର କରିପାରିବେ। ୟୁଜର୍ସ ୧୫ ମିନିଟ୍ ପରେ ଗୁଗୁଲ ମ୍ୟାପରେ ଲୋକେସନ ସେୟାର କରିପାରିବେ, ହେଲେ ଏହି ସୁବିଧା ସେମାନଙ୍କୁ ମାତ୍ର ୫ ଥର ମିଳିବ। ଏହାକୁ ଏପର୍ଯ୍ୟନ୍ତ ଆଣ୍ଡ୍ରଏଡ୍ ଡିଭାଇସ ସହ ଯୋଡାଯାଇନାହିଁ। ଗୁଗୁଲ ମ୍ୟାପରେ ସାଟେଲାଇଟ୍ କନେକ୍ଟିଭିଟି କୌଣସି ମଧ୍ୟ ଜରୁରୀ ସ୍ଥିତିରେ ଉପଯୋଗୀ ପ୍ରମାଣିତ ହେବ।

# ସୁନା, ରୁପା ମୂଲ୍ୟରେ ବୃହତ୍ ହ୍ରାସ

**ନୂଆଦିଲ୍ଲୀ,୨୩।୪(ଏଜେନ୍ସି):** ନିକଟରେ ଘରୋଇ ବଜାରରେ ସୁନା ଦରରେ ଦ୍ରୁତ ବୃଦ୍ଧି ଧାରା ଜାରି ରହିଥିଲା। ହେଲେ ଏବେ ସୁନା ମୂଲ୍ୟରେ ପୁନର୍ବାର ହ୍ରାସ ଧାରା ଦେଖିବାକୁ ମିଳିଛି। ପୂର୍ବରୁ ସୁନା ମୂଲ୍ୟରେ ବୃଦ୍ଧି ଘଟି ସର୍ବକାଳୀନ ରେକର୍ଡ ସ୍ତର ଛୁଇଁଥିଲା। ଏବେ ମାତ୍ର ଗୋଟିଏ ଦିନରେ ସୁନା ମୂଲ୍ୟରେ ବୃହତ୍ ହ୍ରାସ ଘଟିଛି। ବଜାରରେ ଦିନକରେ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ପ୍ରାୟ ୧୫୦୦ ଟଙ୍କା ସ୍ତର ହ୍ରାସ ଘଟିଛି। ଯାହାଫଳରେ ରାଜଧାନୀ ଭୁବନେଶ୍ୱରରେ ୧୦ ଗ୍ରାମ ପିଛା ୨୪ କ୍ୟାରେଟ୍ ସୁନା ମୂଲ୍ୟ ୭୩, ୫୦୦ ଟଙ୍କା ତଳକୁ ଖସିଆସିଛି। ସେହିଭଳି ୧୦ ଗ୍ରାମ ପିଛା ୨୨ କ୍ୟାରେଟ୍ ସୁନା ମୂଲ୍ୟ ଆଜି ୬୬,୦୦୦ ଟଙ୍କା ତଳେ ରହିଛି। ଅପରପକ୍ଷେ ଖୁବ୍ ଜୋରରେ ବୃଦ୍ଧି ଘଟୁଥିବା ରୁପା ମୂଲ୍ୟରେ ଆଜି ଗୋଟିଏ ଦିନରେ କିଲୋଗ୍ରାମ ପିଛା ୨୫୦୦ ଟଙ୍କା ହ୍ରାସ ଘଟିଛି। ସୁନା ଓ ରୁପା ମୂଲ୍ୟରେ ଏଭଳି ବଡ ଧରଣର ହ୍ରାସ ପରେ ଏବେ ଏହି ଦୁଇ ଧାତୁ କିଣିବାର ହେଉଛି ସବୁଠାରୁ ଭଲ ସମୟ ବୋଲି ବିଶେଷଜ୍ଞମାନେ କହିଛନ୍ତି।

### ଦିନକରେ ୧୫୦୦ ଟଙ୍କା କମିଲା

ମଙ୍ଗଳବାର ଦେଶରେ ୨୪ କ୍ୟାରେଟ୍ ସୁନାଦର ୧,୫୩୦ ଟଙ୍କା ହ୍ରାସ ଘଟି ଏହା ପ୍ରତି ୧୦ ଗ୍ରାମ ପିଛା ଦର ୭୨,୧୬୦ ଟଙ୍କାକୁ ଖସିଆସିଛି। କେବଳ ୨୪ କ୍ୟାରେଟ୍ ନୁହେଁ ୨୨ ଓ ୧୮ କ୍ୟାରେଟ୍ ସୁନା ଦର ମଧ୍ୟ ହ୍ରାସ ହୋଇଛି। ୨୨ କ୍ୟାରେଟ ସୁନା ପ୍ରତି ୧୦ ଗ୍ରାମ ପିଛା ମୂଲ୍ୟ ୬୬,୧୫୦ ଟଙ୍କାରେ କାରବାର ହେଉଥିବା ବେଳେ ୧୮ କ୍ୟାରେଟ୍ ସୁନା ଦରରେ ୧,୧୫୦ ଟଙ୍କା ହ୍ରାସ ସହ ୫୪,୧୨୦ ଟଙ୍କାରେ କାରବାର ହେଉଛି। ଆଜି ରାଜଧାନୀ ଭୁବନେଶ୍ୱରରେ ୧୦ ଗ୍ରାମ ପିଛା ୨୪ କ୍ୟାରେଟ୍ ସୁନା ମୂଲ୍ୟ ୭୩, ୨୦୦ ଟଙ୍କା ତଳକୁ ରହିଥିବାବେଳେ ୨୨ କ୍ୟାରେଟ୍ ସୁନା ମୂଲ୍ୟରେ ପୂର୍ବ ଦିନ ତୁଳନାରେ ୧୪୫୦ ଟଙ୍କା ହ୍ରାସ ଘଟି ୬୫,୯୫୦ ଟଙ୍କା ରହିଛି। ତେବେ ସୋମବାର ୧୦ ଗ୍ରାମ ପିଛା ୨୨ କ୍ୟାରେଟ୍ ସୁନା ମୂଲ୍ୟ ୬୭, ୪୦୦ ଟଙ୍କା ରହିଥିଲା। ଅପରପକ୍ଷେ ରୁପା ମୂଲ୍ୟ କିଲୋଗ୍ରାମ ପିଛା ୮୨,୫୦୦ ଟଙ୍କା ରହିଛି। ସୋମବାର ରୁପା ମୂଲ୍ୟ କିଲୋଗ୍ରାମ ପିଛା ମୂଲ୍ୟ ୮୫,୦୦୦ ଟଙ୍କା ସ୍ତରରେ ରହିଥିଲା। କମୋଡିଟି ବଜାର ବିଶେଷଜ୍ଞମାନଙ୍କ କହିବାନୁସାରେ, ୨୦୨୪-୨୫ ଆର୍ଥିକବର୍ଷରେ ସୁନା ଦରରେ ବୃଦ୍ଧି ଧାରା ଜାରି ରହିବ। ଏହାର ଏକ ପ୍ରମୁଖ କାରଣ ହେଉଛି ଆମେରିକା ଫେଡେରାଲ ରିଜର୍ଭର ମୁଦ୍ରାନୀତି ଜନିତ ପଦକ୍ଷେପ।

# ମେକ୍ ମାଇଟ୍ରିପ୍ ଇଣ୍ଡିଆ ଟ୍ରାଭେଲ ଟ୍ରେଣ୍ଡସ୍ ରିପୋର୍ଟ

**ଭୁବନେଶ୍ୱର, ୨୩।୪ (ସମିସ):** ବ୍ୟାକପ୍ୟାକରଠାରୁ ଆରମ୍ଭ କରି ବୋନ୍-ଭିଭାନ୍ତସ ପର୍ଯ୍ୟନ୍ତ ଏବଂ ଏହା ମଧ୍ୟରେ ଥିବା ସମସ୍ତ ଜିନିଷ – ଭାରତୀୟ ଯାତ୍ରୀମାନେ କେବଳ ଘରୋଇ ପର୍ଯ୍ୟଟନର କ୍ଷେତ୍ରକୁ ନୂଆ ରୂପ ଦେଉନାହାନ୍ତି ବରଂ ଅନ୍ତର୍ଜାତୀୟ ଯାତ୍ରା ପରିସରରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛନ୍ତି, ଯାହା ବିଶ୍ୱର କୌଣସି କୋଣକୁ ଅଧିକ ଦୂରରେ ରଖିନାହିଁ। ଏହାର ୧୦୦ ମିଲିୟନ + ବାର୍ଷିକ ସକ୍ରିୟ ଉପଭୋକ୍ତାଙ୍କ ଦ୍ୱାରା ଭ୍ରମଣ ସନ୍ଧାନରୁ ସୂଚନା ନେବା, ମେକ୍ ମାଇଟ୍ରିପ୍ ଏହାର ଇଣ୍ଡିଆ ଟ୍ରାଭେଲ ଟ୍ରେଣ୍ଡସ୍ ରିପୋର୍ଟର ପ୍ରଥମ ସଂସ୍କରଣରେ ଭାରତୀୟ ଯାତ୍ରୀଙ୍କ କେତେକ ଶୀର୍ଷ ଆଚରଣକୁ ଏକତ୍ରିତ କରିଛି। ଉଭୟ ଜାତୀୟ ଓ ଅଂଚଳଭିତିକ ଦୃଷ୍ଟିକୋଣରୁ ଭାରତ କେଉଁଠି, କେତେବେଳେ ଓ କିପରି ଯାତ୍ରା କରୁଛି, ସେଥିରେ ଲକ୍ଷ ଲକ୍ଷ ଯାତ୍ରାର ଶୀର୍ଷ ଧାରା ଅନ୍ତର୍ଭୁକ୍ତ। ମେକ୍ ମାଇଟ୍ରିପ୍ ର ସହ ପ୍ରତିଷ୍ଠାତା ତଥା ଗ୍ରୁପ୍ ସିଇଓ ରାଜେଶ ମାଗୋ କହିଛନ୍ତି, "ଉଭୟ ଘରୋଇ ଓ ବିଶ୍ୱସ୍ତରରେ ପର୍ଯ୍ୟଟନର ଭବିଷ୍ୟତ ଗଢ଼ିବା ପାଇଁ ଭାରତୀୟ ଯାତ୍ରୀଙ୍କ ବିକଶିତ ଯାତ୍ରା ଆଚରଣକୁ ବୁଝିବା ଜରୁରୀ। ମେକ୍ ମାଇଟ୍ରିପ୍‌ର ଇଣ୍ଡିଆ ଟ୍ରାଭେଲ ଟ୍ରେଣ୍ଡସ୍ ରିପୋର୍ଟରେ କିଛି ଅତ୍ୟାଧୁନିକ ଅତ୍ୟାବଶ୍ୟକ ଟ୍ରେଣ୍ଡ ଉପରେ ଆଲୋକପାତ କରାଯାଇଛି। ଯେହେତୁ ପର୍ଯ୍ୟଟନ କ୍ଷେତ୍ରରେ ଭାରତ ଏକ ଶକ୍ତିଶାଳୀ ଶକ୍ତି ଭାବରେ ଉଭା ହୋଇଛି, ଏହି ବୁଝାମଣା ଭ୍ରମଣ ଏବଂ ଆତିଥେୟତା କ୍ଷେତ୍ରରେ ଚାହିଦା ଏବଂ ଯୋଗାଣ ବ୍ୟବଧାନକୁ ପୂରଣ କରିବାରେ ସାହାଯ୍ୟ କରିପାରିବ। ଏହାର ଅର୍ଥ ହେଉଛି ନୀତି ପ୍ରସ୍ତୁତ କରିବା, ଗନ୍ତବ୍ୟସ୍ଥଳ ଚିହ୍ନଟ କରିବା ଏବଂ ଯାତ୍ରୀଙ୍କ ଅନନ୍ୟ ଯାତ୍ରା ପସନ୍ଦ ଏବଂ ଆକାଂକ୍ଷା ସହିତ ଅନୁକୂଳ ଅନୁଭୂତି ସୃଷ୍ଟି କରିବା। ପ୍ରତ୍ୟେକ ଯାତ୍ରୀଙ୍କ ବିବିଧ ଆଚରଣକୁ ଚିହ୍ନିବା ଏବଂ ପୂରଣ କରିବା କେବଳ ଯାତ୍ରା ଅଭିଜ୍ଞତାକୁ ବଢ଼ାଇବ ନାହିଁ ବରଂ ପର୍ଯ୍ୟଟନ ଶିଳ୍ପର ଅଭିବୃଦ୍ଧି ଏବଂ ବିକାଶରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେବ।

# ଲାଲ୍‌ଚାନ୍ଦ୍ ଜୁଏଲର୍ସ ପକ୍ଷରୁ ଅକ୍ଷୟ ତୃତୀୟା ଗୋଲ୍ଡ ଲକ୍ ଅଫର

**ଭୁବନେଶ୍ୱର, ୨୩।୪(ସମିସ):** ଅନ୍ତର୍ଜାତୀୟ ବଜାର ସହ ଦେଶରେ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି ସୁନା ମୂଲ୍ୟ। ଆଗକୁ ଅକ୍ଷୟ ତୃତୀୟା ଆସୁଥିବାରୁ ଗ୍ରାହକମାନେ ସୁନା ଅଳଙ୍କାର କ୍ରୟକୁ ନେଇ ଚିନ୍ତାରେ ରହିଛନ୍ତି। ଏହାକୁ ଦୃଷ୍ଟିରେ ରଖି ପୂର୍ବ ଭାରତର ସର୍ବାଧିକ ଲୋକପ୍ରିୟ ଅଳଙ୍କାର ପ୍ରତିଷ୍ଠାନ ଲାଲ୍‌ଚାନ୍ଦ ନିଜ ପ୍ରିୟ ଗ୍ରାହକଙ୍କ ପାଇଁ ଆକର୍ଷଣୀୟ ଅଫର୍ ଆଣିଛି। ପ୍ରତିଦିନ ସୁନାର ଦର ବୃଦ୍ଧି ପାଉଥିବା ଦେଖି ଆଗୁଆ ସୁନା ମୂଲ୍ୟକୁ ବୁକ୍ କରିବା ପାଇଁ ଲାଲ୍‌ଚାନ୍ଦ୍ ଗୋଲ୍ଡ ଲକ୍ ଅଫର ପ୍ରଦାନ କରୁଛି। ଏହି ଅଫର ଅନୁଯାୟୀ ଅକ୍ଷୟ ତୃତୀୟା ପାଇଁ କ୍ରୟ କରିବାକୁ ଥିବା ଆନୁମାନିକ ଓଜନର ସୁନା ଗହଣା ମୂଲ୍ୟର ମାତ୍ର ୧୦% ଅଗ୍ରୀମ ଦେଇ ଏଚ୍‌ୟୁଆଇଡି ହଲ୍‌ମାର୍କଯୁକ୍ତ ସୁନା ଦରକୁ ଗ୍ରାହକମାନେ ବୁକ୍ କରିପାରିବେ। ଏହାସହ ଅଗ୍ରୀମ ବୁକିଂ ମୂଲ୍ୟ ହେଉ କିମ୍ବା କ୍ରୟ ଦିନର ସୁନା ମୂଲ୍ୟ, ଯେଉଁଟି କମ୍ ହେବ, ସେହି ମୂଲ୍ୟରେ ଗ୍ରାହକମାନେ ସୁନା ଅଳଙ୍କାର କିଣିପାରିବେ। ଅକ୍ଷୟ ତୃତୀୟାକୁ ଦୃଷ୍ଟିରେ ରଖି ଗୋଲ୍ଡ ଲକ୍ ଅଫର ସମସ୍ତ ଷ୍ଟୋରରେ ସୁନା, ରୁପା, ହୀରା ଓ ପ୍ଲାଟିନମ୍ ଅଳଙ୍କାରର ନୂତନ କଲେକ୍ସନ୍ସ ଉପଲବ୍ଧ। ଲାଲ୍‌ଚାନ୍ଦ୍ ଜୁଏଲର୍ସ ସର୍ବଦା ଗ୍ରାହକଙ୍କ ହିତ ଓ ସତ୍ୟତାକୁ ଅଗ୍ରାଧିକାର ଦେଇ ବିଭିନ୍ନ ସମୟରେ ମିଡିଆ ଅଭିଯାନ ଚଳାଇ ଆସୁଛି। ସୁନାର ଗୁଣବତ୍ତା ସହ ଲାଲ୍‌ଚାନ୍ଦ୍ ଜୁଏଲର୍ସ ଗ୍ରାହକଙ୍କୁ 'ଅପ୍ ଟୁ' ସ୍କାମ୍ ଏବଂ ସର୍ତ୍ତମୂଳକ ଅଫରରୁ ବିରତ ରହିବା ନେଇ ସଚେତନ କରିଆସୁଛି। ଏଥିସହ ସର୍ବଦା ଫ୍ଲାଟ୍ ଓ ସ୍ୱଚ୍ଛ ଗଢ଼ା ମଜୁରୀକୁ ଚୟନ କରିବା ଉପରେ ମଧ୍ୟ ସଚେତନ କରାଇବା ପାଇଁ ମିଡିଆ କ୍ୟାମ୍ପେନ୍ ଜାରି ରଖିଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଲାଲ୍‌ଚାନ୍ଦ୍ ଜୁଏଲର୍ସ ସୁନାର ଶୁଦ୍ଧତା ଓ ଡିଜାଇନ୍ ପାଇଁ ଖୁବ୍ ଲୋକପ୍ରିୟ। ବର୍ଷତମାମ ଏଠାରେ ଅଳଙ୍କାରର ଗଢ଼ାମୂଲ୍ୟ ବଜାର ତୁଳନାରେ ସବୁଠୁ କମ୍ ରହିଥାଏ।

# ଅଜିମ ପ୍ରେମଜୀ ବିଶ୍ୱବିଦ୍ୟାଳୟରେ ନାମଲେଖା ପ୍ରକ୍ରିୟା ଆରମ୍ଭ

**ଭୁବନେଶ୍ୱର,୨୩।୪(ସମିସ):** ଅଜିମ ପ୍ରେମଜୀ ବିଶ୍ୱବିଦ୍ୟାଳୟ, ବେଙ୍ଗାଲୁରୁରେ ଡେଭଲପମେଣ୍ଟ ଲିଡରସିପ୍ କାର୍ଯ୍ୟକ୍ରମରେ ସ୍ନାତକୋତ୍ତର ଡିପ୍ଲୋମା ନିମନ୍ତେ ନାମଲେଖା ଆରମ୍ଭ କରାଯାଇଛି। ନାମଲେଖା ପ୍ରକ୍ରିୟା ଏବଂ ତତ୍‌ସହିତ ସଂଯୁକ୍ତ ଜରୁରୀ ତାରିଖ ନିମ୍ନରେ ପ୍ରଦାନ କରାଯାଇଛି। ଆବେଦନ କରିବାର ଶେଷ ତାରିଖ ମେ' ୧୫, ଲିଖିତ ଆସାଇନ୍‌ମେଣ୍ଟ ଏବଂ ସାକ୍ଷାତକାର ଜୁନ୍-ଜୁଲାଇ, ପାଠପଢ଼ା ୨୦୨୫ ଜାନୁଆରୀ ୬ରୁ ଆରମ୍ଭ କରିବାକୁ ଧାର୍ଯ୍ୟ କରାଯାଇଛି। ଏହି ଡିପ୍ଲୋମା ପାଠ୍ୟକ୍ରମ ୧୧ ମାସ ପର୍ଯ୍ୟନ୍ତ ଚାଲିବ। ଏହା ଏକ ପାର୍ଟ ଟାଇମ୍ ଡିପ୍ଲୋମା। ଏହି ଡିପ୍ଲୋମାକୁ କିଛି ଏହିଭଳି ପ୍ରସ୍ତୁତ କରାଯାଇଛି, ଯେଉଁଥିରେ ଏହି ଡିପ୍ଲୋମା କରୁଥିବା ବ୍ୟକ୍ତି ପାଠ ପଢିବା ସହିତ ନିଜ କାମ ଏବଂ ରୋଜଗାର ମଧ୍ୟ ଜାରି ରଖିପାରିବେ। ଏହି ଡିପ୍ଲୋମା ତିନିଟି ସେସନ୍‌ରେ ସମ୍ପୂର୍ଣ୍ଣ ହେବ। ଏହି ତିନି ସେସନ୍ ଅବସରରେ ଅନ୍ କ୍ୟାମ୍ପସ୍ ଏବଂ ଅନ୍‌ଲାଇନ, ଏହି ଦୁଇ ପ୍ରକାରରେ ପାଠ ପଢାଯିବ। ଏହି ଡିପ୍ଲୋମା ବିକାଶ କ୍ଷେତ୍ରରେ ମଧ୍ୟମରୁ ବରିଷ୍ଠ ସ୍ତର ପର୍ଯ୍ୟନ୍ତ କାମ କରୁଥିବା ଲୋକଙ୍କୁ ଦୃଷ୍ଟିରେ ରଖି ପ୍ରସ୍ତୁତ କରାଯାଇଛି। ଏହି ଡିପ୍ଲୋମା ସେହି ଲୋକଙ୍କ ନିମନ୍ତେ ବହୁତ ସହାୟକ ହେବ, ଯେଉଁମାନେ ପୂର୍ବରୁ ନିଜ ସଂସ୍ଥାରେ ନେତୃତ୍ୱ ନେଉଥିବା ଭୂମିକାରେ ରହିଛନ୍ତି ଅଥବା ଖୁବଶୀଘ୍ର ସେହିଭଳି ଭୂମିକା ନେବା ସମ୍ଭାବନା ରହିଛି। ଏହି ଡିପ୍ଲୋମା କରିବାକୁ ବିକାଶ କ୍ଷେତ୍ରରେ ଅନ୍ୟୂନ ଆଠ ବର୍ଷ କାମ କରିଥିବା ଅଭିଜ୍ଞତା ଥିବା ଜରୁରୀ।

# ଉନ୍ନତ ବିଦ୍ୟୁତ ସେବା ପାଇଁ ଟିପିସିଓଡିଏଲ୍‌ର ବ୍ୟାପକ ପଦକ୍ଷେପ



**ଭୁବନେଶ୍ୱର,୨୩।୪(ସମିସ):** ଭିତ୍ତିଭୂମି ବିକାଶକୁ ପ୍ରାଧାନ୍ୟ ଦେଇ ଉପଭୋକ୍ତାଙ୍କୁ ଉନ୍ନତ ବିଦ୍ୟୁତ ସେବା ଯୋଗାଇବା ପାଇଁ ବ୍ୟାପକ ପଦକ୍ଷେପ ନେଉଛି ଟିପିସିଓଡିଏଲ୍। ଏହି ଅନୁକ୍ରମରେ କଟକ ସହରରେ ଲୋ ଭୋଲଟେଜ୍‌ର ସମସ୍ୟା ଦୂର ସହ ବିଦ୍ୟୁତ ସଂଯୋଗ ପାଇଁ ଦୁଇଟି ୩୩ କେଭି ଫିଡର୍ ଚହଟା-୧ ଓ ୨, ବ୍ରଜବିହାରୀପୁର ପ୍ରାଇମେରୀ ସବଷ୍ଟେସନରୁ ଚାର୍ଜ କରାଯାଇଛି। ଫଳରେ କଟକ ସହରର ୮୪,୫୦୦ ରୁ ଉର୍ଦ୍ଧ ଉପଭୋକ୍ତା ଉପକୃତ ହୋଇପାରିଛନ୍ତି।

**ଡିଜିସିଏର ନୂଆ ମାର୍ଗଦର୍ଶିକା ଜାରି**

# ବିମାନରେ ପିତାମାତାଙ୍କ ସହ ୧୨ ବର୍ଷରୁ କମ୍ ପିଲାଙ୍କୁ ସିଟ୍ ଦେବାକୁ ପଡିବ

**ନୂଆଦିଲ୍ଲୀ,୨୩।୪(ଏଜେନ୍ସି):** ଦେଶରେ ବିମାନ ଯାତ୍ରୀଙ୍କ ସଂଖ୍ୟା କ୍ରମାଗତ ଭାବେ ବୃଦ୍ଧି ପାଇବାରେ ଲାଗିଛି। ତେବେ ଘରୋଇ ଯାତ୍ରୀଙ୍କ ସଂଖ୍ୟା ଯେତିକି ବୃଦ୍ଧି ପାଇଛି ସେହି ମାତ୍ରାରେ ଅନ୍ତର୍ଜାତୀୟ ଯାତ୍ରୀଙ୍କ ସଂଖ୍ୟାରେ ମଧ୍ୟ ବୃଦ୍ଧି ପାଉନାହିଁ। ବର୍ତ୍ତମାନ, ଯଦି ଆମେ ଘରୋଇ ବିମାନ ଯାତ୍ରାକୁ ଦେଖିବା ତେବେ ଭାରତ ବିଶ୍ୱର ତୃତୀୟ ବୃହତ୍ ବିମାନ ବଜାରରେ ପରିଣତ ହୋଇଛି। ଏଭଳି ପରିସ୍ଥିତିରେ ବିମାନ ଯାତ୍ରୀଙ୍କ ସ୍ୱାର୍ଥରେ ସରକାର ଏକ ବଡ ନିଷ୍ପତ୍ତି ନେଇଛନ୍ତି। ଏଣିକି ବିମାନ ଟିକଟରେ ବାଧ୍ୟତାମୂଳକ ଭୋଜନ ଦେୟ ଅନ୍ତର୍ଭୁକ୍ତ ହେବନାହିଁ। କେବଳ ଏତିକି ନୁହେଁ, ଯଦି ଏକ ଗ୍ରୁପରେ ୧୨ ବର୍ଷ ବୟସ ପର୍ଯ୍ୟନ୍ତ ପିଲା ଥାଆନ୍ତି, ତେବେ ତାଙ୍କୁ ପରିବାର ସହିତ ସିଟ୍ ଦେବା ପାଇଁ ପସନ୍ଦିତ ସିଟ୍ ଚାର୍ଜ ଆଦାୟ କରାଯିବନାହିଁ।

କେନ୍ଦ୍ର ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ (ଡିଜିସିଏ)ଠାରୁ ମିଳିଥିବା ସୂଚନା ଅନୁଯାୟୀ, ବର୍ତ୍ତମାନ ନୂଆ ମାର୍ଗଦର୍ଶିକା ଜାରି କରାଯାଇଛି। ଡିଜିସିଏ କହିଛି ଯେ ଯଦି ଶିଶୁ ଏବଂ



### ବିନା ଅତିରିକ୍ତ ଅର୍ଥରେ ସେବା

### ବିମାନ ଟିକଟରେ ବାଧ୍ୟତାମୂଳକ ଭୋଜନ ଦେୟ ସାମିଲ ହେବନାହିଁ

ପିତାମାତା ସମାନ ପିଏନ୍‌ଆର୍‌ରେ ଯାତ୍ରା କରୁଛନ୍ତି, ତେବେ ସିଟ୍ ଚୟନ ପାଇଁ ସେମାନଙ୍କୁ କୌଣସି ଅତିରିକ୍ତ ଦେୟ ଦେବାକୁ ପଡିବନାହିଁ। ଏହା ସହିତ ଡିଜିସିଏ ଏୟାରଲାଇନ୍ସକୁ ମଧ୍ୟ ଏହାର ରେକର୍ଡ ବଜାୟ ରଖିବାକୁ କହିଛି। ବେସାମରିକ ବିମାନ ଚଳାଚଳ ନିୟନ୍ତ୍ରକ ୧୨ ବର୍ଷରୁ କମ୍ ବୟସର ପିଲାମାନେ ଯାତ୍ରା କାଳରେ ପିତାମାତା କିମ୍ବା ଅଭିଭାବକଙ୍କ ସହ ବସି ନ ଥିବା ନେଇ ଅନେକ ଘଟଣା ପରେ ଏହି ପଦକ୍ଷେପ ନିଆଯାଇଛି। ଗତ କିଛି ସପ୍ତାହ ହେବ ଅନେକ ଯାତ୍ରୀ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସ'ରେ ଏହିପରି ଅନୁଭୂତି ସେୟାର କରିଥିଲେ। କୌଣସି ବିମାନ କମ୍ପାନୀ ଯାତ୍ରୀଙ୍କଠାରୁ ମିଲ୍,ସ୍ନାକ୍ସ ଏବଂ ପାନୀୟ ଇତ୍ୟାଦି ପାଇଁ ବାଧ୍ୟତାମୂଳକ ଭାବେ ଅର୍ଥ ଚାର୍ଜ କରିପାରିବେ ନାହିଁ। ସକ୍ଷମ ହେବ ଏହାର ଅର୍ଥ ହେଉଛି ଯଦି ଆପଣ ଭିଷ୍ଟାରା କିମ୍ବା ଏୟାର ଇଣ୍ଡିଆ ପରି ଏକ ପୂର୍ଣ୍ଣ ସେବା ବାହକ ସହିତ ଯାତ୍ରା କରୁଛନ୍ତି, ତେବେ ଆପଣ ଚାହିଁଲେ ଭୋଜନ କିମ୍ବା ସ୍ନାକ୍ସ ଚାର୍ଜ ଦେଇପାରିବେ ନାହିଁ | ଇଣ୍ଡିଗୋ ଏବଂ ସ୍ପାଇସଜେଟ୍ ପରି ଏହିପରି ବ୍ୟବସ୍ଥା ଅଛି।

ଗତ ୧୦ ବର୍ଷ ମଧ୍ୟରେ ଦେଶରେ ବିମାନ ସେବାର ବ୍ୟାପକ ବିସ୍ତାର ହୋଇଛି। ୨୦୧୪ରେ, ଯେତେବେଳେ ନରେନ୍ଦ୍ର ମୋଦୀ ପ୍ରଧାନମନ୍ତ୍ରୀ ହୋଇଥିଲେ, ଦେଶର ମୋଟ ଘରୋଇ ଯାତ୍ରୀଙ୍କ ସଂଖ୍ୟା ପ୍ରାୟ ୬୦ ନିୟୁତ ଥିଲା। ବର୍ତ୍ତମାନ ଏହା ପ୍ରାୟ ୧୪୩ ନିୟୁତକୁ ବୃଦ୍ଧି ପାଇଛି। ସେହିଭଳି ଆନ୍ତର୍ଜାତୀୟ ଯାତ୍ରୀଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଇଛି, କିନ୍ତୁ ଏତେ ଦ୍ରୁତ ନୁହେଁ। ୨୦୨୪ରେ ଆନ୍ତର୍ଜାତୀୟ ଯାତ୍ରୀଙ୍କ ସଂଖ୍ୟା ୪୩ ନିୟୁତ ଥିଲା, ଯାହା ବର୍ତ୍ତମାନ ୬୪ ନିୟୁତକୁ ବୃଦ୍ଧି ପାଇଛି।

